# ୩ ଶୈବପୀଠର ବିକାଶ ପାଇଁ ଦାବିପତ୍ର

କୋଣାର୍କ,୮।୧(ସମିସ)

କୁରୁଜଙ୍ଗ ବିକାଶ ମଞ୍ଚ ପକ୍ଷରୁ ଅର୍କକ୍ଷେତ୍ର କୋଣାର୍କର ତିନି ପ୍ରସିଦ୍ଧ ଶୈବପୀଠ ବାବା ତ୍ରିବେଣୀଶ୍ୱର, ଐଶାନେଶ୍ୱର ଓ ଦକ୍ଷିଣେଶ୍ୱରଙ୍କ ପୀଠର ବହୁବିଧ ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ରଥଯାତ୍ରା ପରେ ପୁରୀ ଜିଲ୍ଲାର ଦ୍ୱିତୀୟ ବୃହତ୍ ମେଳାଭାବେ ପରିଚିତ ମାଘ ମେଳାରେ ଏହି ତ୍ରିଶମ୍ଭୁ ମହାସ୍ନାନ କରିଥାଆନ୍ତି। କାହିଁ କେଉଁ କାଳରୁ ଅର୍କକ୍ଷେତ୍ରରେ ଅନୁଷ୍ଠିତ ହେଉଥିବା ମାଘ ମେଳା ଏହି ତ୍ରିଶମ୍ଭୁଙ୍କ ଲାଗି ମହା ଆଡ଼ମ୍ବରରେ ପାଳିତ ହୋଇଆସୁଛି। ମାଘମେଳା ସମୟରେ ବର୍ଷକୁ ମାତ୍ର ଗୋଟିଏ ଦିନ ତ୍ରିଶମ୍ଭୁଙ୍କୁ ମନେ ପକାଇ ମେଳା କାର୍ଯ୍ୟ ସରିବା ପରେ ପୁଣି ୩୬୪ ଦିନ ପାଇଁ ପ୍ରଶାସନ ମନ୍ଦିର ଓ ସେବାୟତମାନଙ୍କୁ ପାଶୋରି ଯାଉଛନ୍ତି। ସେବାୟତମାନେ ଏହି ଶୈବପୀଠଗୁଡ଼ିକର ବିକାଶ ଉଦ୍ଦେଶ୍ୟରେ ବର୍ଷ ବର୍ଷ ଧରି ସରକାରଙ୍କ ନିକଟରେ ଦାବି ଜଣାଇ ଆସୁଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଅଣଦେଖା କରୁଥିବା ଅଭିଯୋଗ ହେଉଛି। ୨ ବର୍ଷ ପୂର୍ବେ



ମାଘମେଳା ପ୍ରସ୍ତୁତି ବୈଠକ ସମୟରେ ତ୍ରିଶମ୍ଭୁଙ୍କ ମନ୍ଦିରର ଉନ୍ନତି ଲାଗି ପ୍ରତି ମନ୍ଦିର ପିଛା କିଛି ଆର୍ଥିକ ସହାୟତା ଯୋଗାଇ ଦେବାକୁ ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା। ତେବେ ଉକ୍ତ ପ୍ରତିଶ୍ରୁତିକୁ କେବଳ କାଗଜ କଲମରେ ସୀମିତ ରଖାଯାଇଛି। ଅନେକ ପ୍ରଚେଷ୍ଟା ସତ୍ତ୍ୱେ ତ୍ରିଶମ୍ଭୁଙ୍କ ମନ୍ଦିରର କୌଣସି ବିକାଶ ନହେବା କାରଣରୁ ଗତ ୫ ତାରିଖରେ କୁରୁଜଙ୍ଗ ବିକାଶ ମଞ୍ଚ ପକ୍ଷରୁ ଏକ ୬ ଜଣିଆ ପ୍ରତିନିଧିମଣ୍ଡଳୀ ବିକାଶ ମଞ୍ଚର ଆବାହକ ଦୁର୍ଗା ପ୍ରସାଦ ମହାପାତ୍ର, ତ୍ରିବେଣୀଶ୍ୱର ମନ୍ଦିରର ସେବାୟତ ବିଭୂତି ଭୂଷଣ ପାଢ଼ୀ, ଆଲୋକ ପାଢ଼ୀ, ଐଶାନେଶ୍ୱର ଓ ଦକ୍ଷିଣେଶ୍ୱର ମନ୍ଦିରର ବରିଷ୍ଠ ସେବାୟତ ରବୀନ୍ଦ୍ର ନାଥ ପଣ୍ଡା, ଲିଙ୍ଗରାଜ ପଣ୍ଡା ଓ ଆଲୋକ କୁମାର ପଣ୍ଡା ପ୍ରମୁଖ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ତଥା ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭୁବନେଶ୍ୱରରେ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହିତ ଏକ ୮ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ତ୍ରିଶମ୍ଭୁଙ୍କ ପ୍ରତି ମନ୍ଦିର ସମ୍ମୁଖରେ ଗୋଟିଏ ଲେଖାଏଁ ତୋରଣ ନିର୍ମାଣ, ଦୀର୍ଘକାୟ ବୃଷଭ ମୂର୍ତ୍ତି ନିର୍ମାଣ, ମନ୍ଦିରର ଚତୁଃପାଶ୍ୱର୍ରେ ପାଚେରି, ମନ୍ଦିର ପରିସରରୁ ଜଳ ନିଷ୍କାସନ ନିମନ୍ତେ ଡ୍ରେନେଜର୍ ବ୍ୟବସ୍ଥା, ଜାଗର, ଶ୍ରାବଣ ମାସରେ କାଉଡ଼ିଆଙ୍କ ଜଳଲାଗି, କ୍ଷୀର ସାଗର ମେଳା ସମୟରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ବିଶ୍ରାମଗାର, ରୋଷଘର, ଖୋଲା ଛାତ ଭୋଗ ମଣ୍ଡପର ବ୍ୟବସ୍ଥା, ପାନୀୟ ଜଳର ବ୍ୟବସ୍ଥା, ମନ୍ଦିରର ଚତୁଃପାଶ୍ୱର୍ ଆଲୋକୀକରଣ, ପର୍ଯ୍ୟଟକଙ୍କୁ ତ୍ରିଶମ୍ଭୂଙ୍କ ମହିମା ବିଷୟରେ ଜାଣିବାକୁ ସୁଯୋଗ ଦେବା ସହ ରାଜ୍ୟ ପର୍ଯ୍ୟଟନ ବିଭାଗ ଏହି ତିନୋଟି ମନ୍ଦିରକୁ ନିଜ ଅଧୀନକୁ ନେଇ ଏହାର ଅଧିକରୁ ଅଧିକ ପ୍ରଚାର ପ୍ରସାର ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ କରିବାକୁ ଉଲ୍ଲେଖ ରହିଛି।

## ଆର୍ଆଇ ଅଫିସ୍ ଘେରିଲେ ଗ୍ରାମବାସୀ



ନୟାହାଟ,୮।୧(ସମିସ): ଗୋପ ତହସିଲ୍ ଅନ୍ତର୍ଗତ ନୟାହାଟ ଫାଣ୍ଡି ଅଞ୍ଚଳର ପଲ୍ଲି ଛକଠାରେ ଥିବା ବାରୀମୁଣ୍ଡ ଆର୍ଆଇ ଅଫିସକୁ ଦୁଇଟି ଗ୍ରାମର ଲୋକେ ଗୁରୁବାର ଘେରଉ କରିଛନ୍ତି। ନୂତନ ମୌଜା ଗଠନ ନେଇ ଅଞ୍ଚଳର ଧୂଳିଆଠେଙ୍ଗ ଓ ଶିମୁଳି ଗ୍ରାମର ଲୋକେ ଆର୍ଆଇ ଅଫିସ ଘେରଉ କରିବା ସହିତ ମୁହାଁମୁହିଁ ହୋଇଥିଲେ। ଗୋପ ଅତିରିକ୍ତ ତହସିଲଦାର ସତ୍ୟଜିତ ନାୟକ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କ ସହ ଆଲୋଚନା କରିଥିଲେ। ଦୀର୍ଘବର୍ଷ ଧରି ଶିମିଳି ମୌଜାରେ ମାଳି ତୋଟା, ଧୂଳିଆଠେଙ୍ଗ ପ୍ରମୁଖ ଚାରିପାଞ୍ଚୋଟି ଗ୍ରାମ ସାମିଲ୍ ହୋଇଥିବାବେଳେ ତାକୁ ଭାଗ କରି ଧୂଳିଆ ଠେଙ୍ଗ ମୌଜା କରିବା ପାଇଁ ସେହି ଗ୍ରାମବାସୀ ତହସିଲର ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ଦୁଇ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା।

## ପ୍ରଥମ ବିଦ୍ୟାଳୟସ୍ତରୀୟ ପିଏମ୍ଶ୍ରୀ ଉତ୍ସବ




ଗମ୍ଭାରୀପଦା,୮।୧(ସମିସ): କାକଟପୁର ବ୍ଲକ୍ ଶିକ୍ଷା ବିଭାଗ ଅନ୍ତର୍ଗତ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଥମ କରି ପିଏମ୍ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କାକଟପୁରର ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ବ୍ଲକ୍ ଅଧ୍ୟକ୍ଷ ଶ୍ରୀଧର ନାୟକ, ବ୍ଲକ୍ ଶିକ୍ଷାଧିକାରୀ ରବୀନ୍ଦ୍ରନାଥ ନନ୍ଦ, ସମାଜସେବୀ ଜ୍ଞାନରଞ୍ଜନ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରୀନାଲତା ପରିଡ଼ା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଦ୍ୱାରା କରାଯାଇଥିବା ଷ୍ଟଲଗୁଡ଼ିକ ବୁଲି ଦେଖିଥିଲେ। ସହକାରୀ ଶିକ୍ଷକ ପ୍ରତାପ କୁମାର ରାଉତଙ୍କ ଦ୍ୱାରା ପରିଚାଳିତ ସଭାରେ ନିମନ୍ତ୍ରିତ ଅତିଥିଙ୍କ ଅନୁପସ୍ଥିତି ଶିକ୍ଷାବିତ୍ ଓ ଉପସ୍ଥିତ ସ୍ୱଳ୍ପ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହତୋତ୍ସାହ ବାରି ହୋଇପଡୁଥିଲା। ଏହି ଉତ୍ସବରେ ଜିଲ୍ଲାସ୍ତରୀୟ କୌଣସି ଶିକ୍ଷାଧିକାରୀ ନ ଥିବା ବେଳେ ବ୍ଲକସ୍ତରୀୟ ପ୍ରଶାସନିକ ଅଧିକାରୀଙ୍କ ଅନୁପସ୍ଥିତି ଉତ୍ସବଟିର ଆୟୋଜକଙ୍କ ପାରଦର୍ଶିତାକୁ ପ୍ରତିପାଦିତ କରୁଥିଲା। ବକ୍ତବ୍ୟ ମାଧ୍ୟମରେ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱଳ୍ପ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ଉପସ୍ଥିତି ଓ ଅଭିଭାବକଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଚିଠି ନଂ ୧୮୮୫/ପି ଏସ ଏସ ଏସ/୨୫ ମୁତାବକ ସମ୍ପୂର୍ଣ୍ଣ ଗାଇଡ୍ଲାଇନ୍ ସହ ପିଏମଶ୍ରୀ ଉତ୍ସବ ପାଇଁ ସରକାର ୩ଲକ୍ଷ ୫୦ହଜାର ରାଶି ଅନୁଦାନ ମଞ୍ଜୁର କରା ଯାଇଥିଲେ ମଧ୍ୟ ଉତ୍ସବରେ ଗାଇଡ୍ଲାଇନ୍ର ବ୍ୟତିକ୍ରମ ହୋଇଥିବା କୁହାଯାଉଛି। ଯାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଯେଉଁ ଲକ୍ଷ୍ୟ ରଖି ସରକାର ପିଏମ୍ଶ୍ରୀ ଯୋଜନାରେ କାକଟପୁର ବ୍ଲକ୍ର ଏକମାତ୍ର ସରକାରୀ ବିଦ୍ୟାଳୟକୁ ଅନ୍ତର୍ଭୁକ୍ତ କରିଥିଲେ ତାହା ଲକ୍ଷ୍ୟଚ୍ୟୁତ ହୋଇଥିବା ଦେଖିବାକୁ ମିଳିଥିଲା। ଅବ୍ୟବସ୍ଥା ମଧ୍ୟରେ ପିଏମ୍ଶ୍ରୀ ଉତ୍ସବ ସମ୍ପାଦନ କରାଯାଇଥିବା ଏବଂ ଏଭଳି ବ୍ୟତିକ୍ରମର ତଦନ୍ତ କରାଯିବାକୁ ସାଧାରଣରେ ଦାବି ହେଉଛି।

## ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

ନିମାପଡ଼ା,୮।୧(ସମିସ): ନିମାପଡ଼ା ଜଳସେଚନ ବିଭାଜନଠାରେ ଅଧୀକ୍ଷଣଯନ୍ତ୍ରୀ ପ୍ରୀତମ୍ ଚେତନ ପୋଥାଲଙ୍କ ଅଧ୍ୟକ୍ଷତାରେ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସାଂସଦଙ୍କ ଏନ୍ଏସି ପ୍ରତିନିଧି ମୀନଲତା ମହାନ୍ତି, ମୁଖ୍ୟବକ୍ତାଭାବେ ସାଂସଦଙ୍କ ବ୍ଲକ୍ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ସମ୍ମାନିତ ଅତିଥିଭାବେ ନିମାପଡ଼ା ନଗରପାଳ ସସ୍ମିତା ସାହୁ, ଜିଲ୍ଲା କୃଷି ଅଧିକାରୀ ପ୍ରିୟବ୍ରତ ପୃଷ୍ଟି, ବଳଙ୍ଗା ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ଅଜୟ କୁମାର ପ୍ରଧାନ, ବାଲିପାଟଣା ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ବୈକୁଣ୍ଠ ନାଥ ଭୋଇ, ଗୋପ ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ଲମ୍ବୋଦର ପାଢ଼ୀ, ସହକାରୀଯନ୍ତ୍ରୀ ରାକେଶ କୁମାର ସାହୁ, ଉମାକାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପାଣି ପଞ୍ଚାୟତ ଦ୍ୱାରା ଚାଷୀମାନେ କିଭଳି ସହଜରେ ଚାଷ ଜମିକୁ ଜଳ ପାଇ ପାରିବେ ସେ ନେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମସ୍ତ ଚାଷ ଜମିକୁ କିପରି ସହଜରେ ଜଳ ଯୋଗାଇଦିଆଯିବ ଚାଷୀମାନେ କିଭଳି ଉନ୍ନତ ମାନର ଚାଷ କରିବେ ସେଥିପାଇଁ ପାଣି ପଞ୍ଚାୟତର ସମସ୍ତ ସଭାପତି, ସମ୍ପାଦକ ଓ ସଦସ୍ୟମାନଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ମୁଖ୍ୟବକ୍ତା ଶ୍ରୀ ଓଝା ପରାମର୍ଶ ଦେଇଥିଲେ। ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ନିମାପଡ଼ା ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ହେମାମାଳିନୀ ପତି ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ନିରଞ୍ଜନ ପଲତା ମଞ୍ଚ ପରିଚାଳନା କରିଥିଲେ। ସହକାରୀ ନିର୍ବାହୀଯନ୍ତ୍ରୀ ଶକ୍ତି ପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିଭାଜନ ପାଣି ପଞ୍ଚାୟତର ସମସ୍ତ ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ଓ ସଦସ୍ୟମାନେ ଯୋଗ ଦେଇଥିଲେ।

## ଅଞ୍ଚଳବାସୀଙ୍କ ପାଇଁ ଗର୍ବ ପାଲଟିଛନ୍ତି ରାଫେଲ ନିର୍ମାଣରେ ସାମିଲ ଦେବୀ ପ୍ରସାଦ



ପିପିଲି,୮।୧(ସମିସ): ଭାରତୀୟ ବାୟୁ ସେନାର ମୁଖ୍ୟ ଶକ୍ତି ପାଲଟିଥିବା ଯୁଦ୍ଧ ଜାହାଜ ରାଫେଲ ଏବେ ଭାରତରେ ନିର୍ମାଣ ହେବ। ଫ୍ରାନ୍ସ ସରକାରଙ୍କ ସହଯୋଗରେ ଭାରତ ଏହି ପ୍ରକଳ୍ପ ଆଗକୁ ନେବ। ଏହାଦ୍ୱାରା ଭାରତ ୬୦ ରୁ ଅଧିକ ରାଫେଲ ଯୁଦ୍ଧ ବିମାନ ନିର୍ମାଣ କରିବ। ଭାରତ ପକ୍ଷରୁ ଟାଟା ଆଡଭାନ୍ସ ସିଷ୍ଟମ ଏହାର ଦାୟିତ୍ୱ ନେଇଛି। ହାଇଦ୍ରାବାଦର ଟାଟାର ମୁଖ୍ୟ ଅଫିସରେ ଏହାର କାର୍ଯ୍ୟ ଆରମ୍ଭ ହେଉଛି। ତେବେ ଏହି ପ୍ରକଳ୍ପରେ ସାମିଲ୍ ହୋଇ ପୁରୀ ଜିଲ୍ଲା ପିପିଲି ଅଞ୍ଚଳର ପ୍ରହରାଜପୁର ଗ୍ରାମର ଦେବୀ ପ୍ରସାଦ ମହାପାତ୍ର ଓଡ଼ିଶା ତଥା ନିଜ ଅଞ୍ଚଳ ପିପିଲି ପାଇଁ ଗୌରବ ପାଲଟିଛନ୍ତି। ପିତା ବଟକୃଷ୍ଣ ମହାପାତ୍ର ଓ ମାତା ଜ୍ୟୋତିର୍ମୟୀଙ୍କ ବଡ଼ ପୁଅ ଦେବୀ ଏକ ଘରୋଇ ଇଞ୍ଜିନିୟରିଂ କଲେଜରୁ ପାଠପଢ଼ା ସାରି ୨୦୨୩ ରେ ଟାଟା କମ୍ପାନୀରେ ନିଯୁକ୍ତି ପାଇଥିଲେ।

## ରାଷ୍ଟ୍ରୀୟ ଏକତା ଦିବସରେ କବାଡ଼ି ପ୍ରତିଯୋଗିତା

କୃଷ୍ଣପ୍ରସାଦ,୮।୧(ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ର ଚିଲିକା ନୂଆପଡ଼ାସ୍ଥିତ ନାରାୟଣ ବିଦ୍ୟାପୀଠ ପରିସରରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ରାଷ୍ଟ୍ରୀୟ ଏକତା



ଦିବସ ଅବସରରେ ବ୍ଲକ୍ସ୍ତରୀୟ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ କ୍ରୀଡ଼ା ଓ ଯୁବ ଶିକ୍ଷା ବିଭାଗ ଏବଂ ବ୍ଲକ୍ ପ୍ରଶାସନ ମିଳିତ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାକୁ କୃଷ୍ଣପ୍ରସାଦ ବିଡିଓ ଅମୀୟ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ବିଦ୍ୟାପୀଠ ପ୍ରଧାନଶିକ୍ଷକ ପ୍ରବୀର ଚନ୍ଦ୍ର ଜେନା, କୃଷ୍ଣପ୍ରସାଦ ବ୍ଲକ କ୍ରୀଡ଼ା ଜୋନ ସମ୍ପାଦକ ଅଜିତ କୁମାର ବାରିକୀ, ରୁକ୍ମଣୀ ଦେବୀ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବରିଷ୍ଠ ଅଧ୍ୟାପକ ପ୍ରଦୀପ୍ତ କୁମାର ବେହେରା, ସିପି ପ୍ରଭାତ କୁମାର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ବ୍ଲକ୍ ଅଧୀନ କୃଷ୍ଣପ୍ରସାଦ, ମାଲୁଦ, ନୂଆପଡ଼ା, ସାତପଡ଼ା ଆଦି ୪ ଗୋଟି ସବ୍ଜୋନରୁ ବାଳକ ବିଭାଗରେ ୬ଟି ଦଳ ଏବଂ ବାଳିକା ବିଭାଗରେ ୭ଦଳ ସାମିଲ ହୋଇଥିଲେ। ବରିଷ୍ଠ କ୍ରୀଡ଼ା ଶିକ୍ଷକ ପ୍ରମୋଦ କୁମାର ସାହୁ, ପ୍ରକାଶ ଚନ୍ଦ୍ର ସିଂହ, ଅଶୋକ କୁମାର ପ୍ରଧାନ, ଅଶୋକ କୁମାର ସାମଲ, ଶ୍ରୀକାନ୍ତ ଜେନା, ଆର୍ତ୍ତତ୍ରାଣ ମଲ୍ଲିକ, ପଞ୍ଚାନନ ଜେନା ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ଶେଷରେ କବାଡ଼ି ପ୍ରତିଯୋଗିତାର କୃତୀ ପ୍ରତିଭାଙ୍କୁ ମାନପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ସାମାଜିକ ଅନୁଷ୍ଠାନ ପକ୍ଷରୁ ଟ୍ରାଫିକ୍ ସଚେତନତା

ପିପିଲି,୮।୧(ସମିସ): 'ସଚେତନ ହୁଅନ୍ତୁ ଓ ନିରାପଦ ରୁହନ୍ତୁ'ର ବାର୍ତ୍ତା ନେଇ ଆଜି ୱାନ୍ ଭଏସ ସୋସିଆଲ ଡେଭଲପମେଣ୍ଟ ଟ୍ରଷ୍ଟ ଓ ପିପିଲି ପୁଲିସର ମିଳିତ ଉଦ୍ୟମରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ପିପିଲି ଟୋଲ ପ୍ଲାଜାଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଯୋଗଦେଇ ୱାନ୍ ଭଏସ୍ ସୋସିଆଲ ଡେଭଲପମେଣ୍ଟ ଟ୍ରଷ୍ଟ ସଦସ୍ୟଙ୍କ ସହ ସାଧାରଣ ଲୋକଙ୍କୁ ଟ୍ରାଫିକ ନିୟମର ସଚେତନତା କରାଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନ ଚେୟାରମ୍ୟାନ ସନ୍ତୋଷ କୁମାର ବିଶ୍ୱାଳ, ସଭାପତି ଶତ୍ରୁଘ୍ନ ସେଠୀ, ସମ୍ପାଦକ ଦିଲ୍ଲୀପ କୁମାର ପ୍ରଧାନଙ୍କ ସହ ୩୦ରୁ ଊର୍ଦ୍ଧ୍ୱ ସଦସ୍ୟ ସାମିଲ ଥିବା ବେଳେ ପିପିଲି ଥାନା ପକ୍ଷରୁ ବ୍ୟାପକ ପୁଲିସ କର୍ମଚାରୀ ସହଯୋଗ କରିଥିଲେ।

## ପଦାର୍ଥ ବିଜ୍ଞାନ ବିଭାଗର ରାଜ୍ୟସ୍ତରୀୟ ପାଠଚକ୍ର

ନିମାପଡ଼ା,୮।୧(ସମିସ): ନିମାପଡ଼ା ସ୍ୱୟଶାସିତ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନର ସାମ୍ପ୍ରତିକ ଧାରା ଶୀର୍ଷକ ଏକ ରାଜ୍ୟସ୍ତରୀୟ ପାଠଚକ୍ର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ଓ ଛାତ୍ରଛାତ୍ରୀଙ୍କ ସହଯୋଗରେ ଆୟୋଜିତ ଏହି ପାଠଚକ୍ରକୁ ଅଧ୍ୟକ୍ଷା ଅମିତା ମହାନାୟକ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ପୂର୍ବତନ ବିଭାଗୀୟ ମୁଖ୍ୟ ବିଚିତ୍ରାନନ୍ଦ କୁଅଁର ମୁଖ୍ୟ ଅତିଥି ଓ ଅନନ୍ତରାମ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପାଠଚକ୍ର ସମ୍ପର୍କରେ ମତ ରଖିଥିଲେ। ବିଭାଗୀୟ ମୁଖ୍ୟ ବିଭୂତି ଭୂଷଣ ସାମନ୍ତସିଂହାର ପରିଚୟ ପ୍ରଦାନ କରିଥିବାବେଳେ ପ୍ରଫେସର ନରେଶ ଚନ୍ଦ୍ର ମିଶ୍ର, ଡକ୍ଟର ରମାକାନ୍ତ ନାୟକ, ନାଇଜର୍ ବୈଜ୍ଞାନିକ ରାକେଶ ଭଟ୍ଟ ପ୍ରମୁଖ ମଧ୍ୟ ନିଜ ମୂଲ୍ୟବାନ ମତ ଉପସ୍ଥାପନ କରିଥିଲେ। ଅଧ୍ୟାପକ ରିୟାଜୁଦ୍ଦିନ ଖାନ୍, ଅଧ୍ୟାପକ ଉମାକାନ୍ତ ସ୍ୱାଇଁ, ଅଧ୍ୟାପିକା ପ୍ରତିଧ୍ୱନୀ ସ୍ୱାଇଁ, ବରିଷ୍ଠ ଡେମୋନଷ୍ଟ୍ରେଟର୍ ଅଶୋକ କୁମାର ସ୍ୱାଇଁ ଏହାକୁ ପରିଚାଳନା କରିଥିଲେ। ଅଧ୍ୟାପିକା ଶୁଭଲକ୍ଷ୍ମୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ବୈଜ୍ଞାନିକ ପଦ୍ଧତିରେ ଛେଳିପାଳନ ନେଇ ତାଲିମ ଶିବିର

ସାକ୍ଷୀଗୋପାଳ,୮।୧(ସମିସ): ଭାରତୀୟ କୃଷି ଗବେଷଣା ପରିଷଦ ଅନ୍ତର୍ଗତ କୃଷିରତ ମହିଳା ସଂସ୍ଥାନ, ଭୁବନେଶ୍ୱର (ଆଇସିଏଆର୍ ସିଆଇଡବ୍ଲ୍ୟୁଏ) ଦ୍ୱାରା ପୁରୀ ଜିଲ୍ଲା ଅଣିଜଙ୍ଗ ଗ୍ରାମରେ ଅନୁସୂଚିତ ଜାତିର ମହିଳା ଛେଳି ପାଳକଙ୍କ ପାଇଁ ବୈଜ୍ଞାନିକ ପଦ୍ଧତିରେ ଛେଳି ପାଳନ ବିଷୟରେ ତିନି ଦିନିଆ ପ୍ରଶିକ୍ଷଣ ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ବୈଜ୍ଞାନିକ ପଦ୍ଧତିରେ ଛେଳି ଖାଦ୍ୟ ଓ ସ୍ୱାସ୍ଥ୍ୟ ସେବା ବିଷୟରେ ଜ୍ଞାନ ଓ କୌଶଳ ବୃଦ୍ଧି କରି ମହିଳା ଛେଳି ପାଳକଙ୍କ ଆୟ ବୃଦ୍ଧି କରିବା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୩୦ ଜଣ ଅନୁସୂଚିତ ଜାତିର ମହିଳା ଛେଳି ପାଳକ ଅଂଶଗ୍ରହଣ କରିଛନ୍ତି। ମହିଳା ବୈଜ୍ଞାନିକ ଅର୍ପିତା ମହାପାତ୍ର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ: ସ୍ଥାନୀୟ ଭାବେ ଉପଲବ୍ଧ ଖାଦ୍ୟ ସମ୍ପଦ ବ୍ୟବହାର କରି ଛେଳିଙ୍କ ପାଇଁ ସମତୁଳିତ ଖାଦ୍ୟ ପ୍ରସ୍ତୁତି କରିବା ଓ ଛେଳିଙ୍କୁ ହେଉଥିବା ରୋଗ ଓ ତା'ର ପ୍ରତିକାର ସମ୍ପର୍କରେ ଛେଳି ପାଳକଙ୍କୁ ତାଲିମ ପ୍ରଦାନ କରା ଯାଇଥିଲା।

## ପଦାର୍ଥ ବିଜ୍ଞାନ ବିଭାଗର ରାଜ୍ୟସ୍ତରୀୟ ପାଠଚକ୍ର

ନିମାପଡ଼ା,୮।୧(ସମିସ): ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନର ସାମ୍ପ୍ରତିକ ଧାରା' ଶୀର୍ଷକ ଏକ ରାଜ୍ୟସ୍ତରୀୟ ପାଠଚକ୍ର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନିମାପ?। ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ଓ ଛାତ୍ରଛାତ୍ରୀଙ୍କ ସହଯୋଗରେ ଆୟୋଜିତ ଏହି ପାଠଚକ୍ରକୁ ଅଧ୍ୟକ୍ଷା ଅମିତା ମହାନାୟକ ଆନୁଷ୍ଠାନିକ ଭାବେ ଉଦ†ାଟନ କରିଥିଲେ। ପୂର୍ବତନ ବିଭାଗୀୟ ମୁଖ୍ୟ ବିଚିତ୍ରାନନ୍ଦ କୁଅଁର ମୁଖ୍ୟ ଅତିଥି ଓ ଅନ''ରାମ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ମତ ରଖିଥିଲେ। ବିଭାଗୀୟ ମୁଖ୍ୟ ବିଭୂତି ଭୂଷଣ ସାମ''ସିଂହାର ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଫେସର ନରେଶ ଚନ୍ଦ୍ର ମିଶ୍ର, ଡକ୍ଟର ରମାକା'' ନାୟକ, ନାଇଜର୍ ବେ?ଜ୍ଞାନିକ ରାକେଶ ଭଟ୍ଟ ପ୍ରମୁଖ ମଧ୍ୟ ନିଜ ମୂଲ୍ୟବାନ ମତ ଉପସ୍ଥାପନ କରିଥିଲେ। ଅଧ୍ୟାପକ ରିୟାଜୁଦ୍ଦିନ ଖାନ୍, ଅଧ୍ୟାପକ ଉମାକା'' ସ୍ୱାଇଁ, ଅଧ୍ୟାପିକା ପ୍ରତିଧ୍ୱନୀ ସ୍ୱାଇଁ, ବରିଷ୍ଠ ଡେମୋନଷ୍ଟ୍ରେଟର୍ ଅଶୋକ କୁମାର ସ୍ୱାଇଁ ଏହାକୁ ପରିଚାଳନା କରିଥିଲେ। ଅଧ୍ୟାପିକା ଶୁଭଲକ୍ଷ୍ମୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତ ସମିତି ପରିସରରେ ଚାରା ବଣ୍ଟନ



କଣାସ,୮।୧(ସମିସ): କଣାସ ପଞ୍ଚାୟତ ସମିତି ପରିସରରେ ଆଜି କଣାସ ତହସିଲଦାର ହିମାଂଶୁ ଶେଖର ଗିରି ଏବଂ କଣାସ ଆଇଆଇସି ପ୍ରଶନ୍ନ କୁମାର ନାୟକ ଚାରା ବଣ୍ଟନ କରିବା ସହିତ ନିଜର ପିଲାମାନଙ୍କୁ ଯେପରି ଯତ୍ନ ନେଉଛନ୍ତି ଗଛ ଲଗାଇ ତାର ଯତ୍ନ ନେବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ସିରେଇ ଗ୍ରାମପଞ୍ଚାୟତ ତିପୁରୀ ଗ୍ରାମରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଲ୍ଲୀ ସଂସ୍କୃତି କଳା ପରିଷଦ ପକ୍ଷରୁ ପାଞ୍ଚ ଶହରୁ ଉର୍ଦ୍ଧ୍ୱ ଡାଳଚିନି, ଆମ୍ବ, ପଣସ, ଲେମ୍ବୁ, ଡାଳିମ୍ବ, ମନ୍ଦାର, ପିଜୁଳି, କମଳା ଚାରା ଯୋଗାଇ ଦିଆଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଅପର୍ତ୍ତି ମହାପାତ୍ର ଉପସ୍ଥିତ ରହି ଚାରାବଣ୍ଟନ କରିଥିଲେ।

## କଣାସ ଅଞ୍ଚଳରେ ଶୀତଲହରୀ



କଣାସ,୮।୧(ସମିସ): ସାରା ରାଜ୍ୟ ସମେତ କଣାସ ଅଞ୍ଚଳରେ ଶୀତଲହରୀ ଲାଗିରହିଛି। ପ୍ରବଳ ଥଣ୍ଡା ଯୋଗୁଁ ଦୀର୍ଘ ଏକ ମାସ ହେଲା ବୃଦ୍ଧବୃଦ୍ଧା ଅସହ୍ୟ ଯନ୍ତ୍ରଣା ଭୋଗ କରୁଥିବାବେଳେ ଶ୍ୱାସ ରୋଗୀଙ୍କ ସମସ୍ୟା ବହୁଗୁଣିତ ହୋଇଛି। ଚିଲିକା ନିକଟବର୍ତ୍ତୀ ଏହି କଣାସ ଅଞ୍ଚଳରେ ଏତେ ଥଣ୍ଡା ପୂର୍ବରୁ କେବେ ହୋଇନଥିଲା ବୋଲି ବହୁ ବୟସ୍କ ବ୍ୟକ୍ତି କହିଛନ୍ତି। ପ୍ରବଳ ଥଣ୍ଡା ଯୋଗୁଁ ଶ୍ରମିକ ଓ ଚାଷୀମାନେ ନିଜ କାର୍ଯ୍ୟ ଠିକ୍ ସମୟରେ କରିପାରୁନଥିବା ଜଣାପଡ଼ିଛି। ସକାଳ ୯ଟା ପର୍ଯ୍ୟନ୍ତ ଲୋକେ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ବିଭିନ୍ନ ଗ୍ରାମରେ ଲୋକେ ସକାଳୁ ନିଆଁ ଜାଳି ଚାରିପାଖରେ ବସିରହୁଥିବା ଦେଖିବାକୁ ମିଳିଛି।




## ୫ଦଫା ଦାବି ନେଇ ବ୍ଲକ୍ ସମ୍ମୁଖରେ ଧାରଣା

କାକଟପୁର,୮।୧(ସମିସ):



କାକଟପୁର ବ୍ଲକ୍କୁ ପିସିମୁକ୍ତ କରିବା, ମିଶନ ଶକ୍ତି ଗୃହ ଓ କାଫେକୁ କାର୍ଯ୍ୟକ୍ଷମ, ଟିଏଚ୍ଆର୍ ରାସନ ଠିକ୍ ଓଜନ ଓ ଠିକ୍ ମାନର ଦେବା, ଉଦ୍ୟାନ କୃଷି କାର୍ଯ୍ୟାଳୟକୁ କାକଟପୁର ବ୍ଲକ୍ କ୍ୟାମ୍ପସକୁ ଫେରାଇ ଆଣିବା, ପଞ୍ଚାୟତ ଲୋକପ୍ରତିନିଧିଙ୍କୁ ସମ୍ମାନ ଓ ଗ୍ରାମସଭାକୁ ଗୁରୁତ୍ୱ ଦିଆଯାଉ ଆଦି ୫ ଦଫା ଦାବି ନେଇ କାକଟପୁର ପଞ୍ଚାୟତ ସମିତି ସଭ୍ୟ ସମରେନ୍ଦ୍ର ଦୀକ୍ଷିତ ଓ ସୂଚନା ଅଧିକାର କର୍ମୀ କରୁଣାକର ସେନାପତି ଜିଲ୍ଲାପାଳଙ୍କ ନିକଟରେ ଦାବି ଜଣାଇଥିଲେ। ଏଥିସହ ୧୫ ଦିନ ସମୟ ଦେଇଥିଲେ। ମାତ୍ର ନିର୍ଦ୍ଧାରିତ ସମୟରେ ଦାବି ପୂରଣ ନହେବାରୁ ଆଜିଠାରୁ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଧାରଣା ଦେଇଛନ୍ତି। ଧାରଣାରେ ସମରେନ୍ଦ୍ର ଦୀକ୍ଷିତ ଓ କରୁଣାକର ସେନାପତି ବସିଥିଲେ। ଏହି ଖବର ଶୁଣି ତାଙ୍କ ନିକଟରେ ସେକ ଏନାମୁଲ, ସମିତି ସଭ୍ୟ ପ୍ରମୋଦ ଦାସ, ନରେନ୍ଦ୍ର ପାଇଟାଲ, ଦିଲ୍ଲୀପ ଦଳାଇ, ରମେଶ ଚନ୍ଦ୍ର ପଣ୍ଡା, ମହେଶ୍ୱର ସାମଲ, ପ୍ରକାଶ ବରାଳ, ସନ୍ତୋଷ ଦୀକ୍ଷିତ, ଚିନ୍ମୟ ପଲେଇ, କାର୍ତ୍ତିକ ସାହୁ, ସୌମ୍ୟକାନ୍ତ ଖୁଣ୍ଟିଆ ପ୍ରମୁଖ ପହଞ୍ଚିଥିଲେ। ବିଡିଓ ନାରାୟଣ ଦୀକ୍ଷିତ ଓ ଅଧ୍ୟକ୍ଷ ଶ୍ରୀଧର ନାୟକ ଧାରଣାସ୍ଥଳକୁ ଆସି ଦାବିଗୁଡ଼ିକ ବିଷୟରେ ଆଲୋଚନା କରିଥିଲେ।

## ମହିଳା ସାମ୍ବାଦିକଙ୍କ ସ୍ମୃତିରେ ଦୀପ ଦାନ

କାକଟପୁର,୮।୧(ସମିସ): ପିପିଲି ମଙ୍ଗଳପୁର ନିକଟରେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମହିଳା ସାମ୍ବାଦିକ ତଥା ନ୍ୟୁଜ-୭ର ସିଲା ପଟ୍ଟନାୟକଙ୍କ ସ୍ମୃତିରେ କାକଟପୁରଠାରେ ମୃତ୍ୟୁ ରେ କାକଟପୁର ସମସ୍ତ ସାମ୍ବାଦିକ ବନ୍ଧୁ ମାନଙ୍କ ସମୂହ ଦୀପଦାନ ମଙ୍ଗଳା ମନ୍ଦିର ସମ୍ମୁଖରେ ପ୍ରଦାନ କରାଯାଇ ଗଭୀର ଶୋକ ପ୍ରକାଶ କରାଯାଇଛି କ୍ଷ ସିଲା ପଟ୍ଟନାୟକ ଅମର ରହେ ନାରା ଦେଇ ସମସ୍ତ ସାମ୍ବାଦିକ ବନ୍ଧୁମାନେ ତାଙ୍କର ଅମର ଆତ୍ମା ର ସଦଗତି କାମନା କରିଛନ୍ତି କ୍ଷ ଏଥିରେ ପ୍ରେସକ୍ଲବ ସଭାପତି କମଳ ଲୋଚନ ଦୀକ୍ଷିତ, ସମ୍ପାଦକ ଆଦିତ୍ୟ ରାଉତ, ଉପ ସଭାପତି ତୁଷାର ରଞ୍ଜନ ଦୀକ୍ଷିତ, କୋଷାଧ୍ୟକ୍ଷ ଭାଗବତ ସ୍ୱାଇଁ, ମାନସ ଦୀକ୍ଷିତ, ପ୍ରଭାତ ଦୀକ୍ଷିତ, ପ୍ରଭାସ ପୃଷ୍ଟି, ବ୍ରଜ କିଶୋର ସାହୁ, ବରିଷ୍ଠ ସାମ୍ବାଦିକ ସମରେନ୍ଦ୍ର ଦୀକ୍ଷିତ, ପ୍ରଦୀପ ପଣ୍ଡା, ପ୍ରଦୀପ୍ତ ଦୀକ୍ଷିତ, ପ୍ରଶାନ୍ତ ଜେନା, କାକଟପୁର ସାମ୍ବାଦିକ ସଙ୍ଘର କର୍ମକର୍ତ୍ତା ରୁପେଶ କୁମାର ସାହୁ, ଚିନ୍ମୟ ପୋଲେଇ, ଶଙ୍କର ପ୍ରସାଦ ଦାସ ପ୍ରମୁଖ ଯୋଗଦାନ କରିଥିଲେ।






ସକାଳ THE SAKALA



## ଡମ୍ପିଂୟାର୍ଡ ମାଟି ପୋତିବା ପାଇଁ ୧୮ ଲକ୍ଷ ବ୍ୟୟ ଘଟଣା

# ଜଙ୍ଗଲ ଓ ପାହାଡ଼ ନଷ୍ଟ କରାଇଛନ୍ତି ଇଓ

ନୟାଗଡ଼,୮।୧(ସମିସ)



ନୟାଗଡ଼ ପୌରାଞ୍ଚଳ ଡମ୍ପିଂୟାର୍ଡ ପୋତିବା ଘଟଣାରେ ୧୮ ଲକ୍ଷ ବ୍ୟୟବରାଦ କରାଯାଇଥିବା ବେଳେ ନିକଟସ୍ଥ ବଳରାମ ପାହାଡ଼ ପାଦଦେଶରୁ ଜଙ୍ଗଲ ଓ ପାହାଡ଼କୁ ନଷ୍ଟ କରିଛନ୍ତି ପୌର ନିର୍ବାହୀ ଅଧିକାରୀ(ଇଓ)। ପାହାଡ଼ ପାଦ ଦେଶରୁ ମାଟି ଖୋଳାଇ ଡମ୍ପିଂୟାର୍ଡ ପୋତା ଯାଉଥିବା ବେଳେ ବନବିଭାଗ ବାରଣ କରିଥିଲା। ବନକର୍ମଚାରୀଙ୍କୁ ବିଭିନ୍ନ ପ୍ରକାର ଧମକ ଚମକ ଦେଇ ପୌର ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏଭଳି କରାଯାଇଥିବା ଜୈନିକ ବନକର୍ମଚାରୀ ସୂଚନା ଦେଇଛନ୍ତି। ଉକ୍ତ ସ୍ଥାନ ସଂରକ୍ଷିତ ଜଙ୍ଗଲ ହୋଇନଥିବା କାରଣରୁ ପୌର ନିର୍ବାହୀ ଅଧିକାରୀ ଜବରଦସ୍ତ ପାହାଡ଼ ପାଦ ଦେଶରୁ ମାଟି ଖୋଳାଇ ଡମ୍ପିଂୟାଡ ପୋତିଥିବା ସୂଚନା ମିଳିଛି। ନୟାଗଡ଼ ସହରରୁ ବାହାରୁଥିବା ଆବର୍ଜନାକୁ ଭାଲୁଖୋଲ ନିକଟରେ ପକା ଯାଉଥିଲା। ଏହି ଅଞ୍ଚଳ ଦେଇ ନୂତନ ଭାବେ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କରାଯାଉଛି। ଏହା ସହିତ ଏହାର ନିକଟରେ ଆଦର୍ଶ ମଣ୍ଡି, ଡିଏଭି ପବ୍ଲିକ ସ୍କୁଲ ଓ ଆଦିବାସୀ ହଷ୍ଟେଲ ନିର୍ମାଣ ହେଉଛି। ଉକ୍ତ ଅଞ୍ଚଳ ବିକାଶ ଧାରରେ ସାମିଲ ହେଉଥିବା ବେଳେ ଡମ୍ପିଂୟାର୍ଡ ପରିବେଶକୁ ପ୍ରଦୂଷିତ କରୁଛି। ଏହାକୁ ରୋକିବା ପାଇଁ ଡମ୍ପିଂୟାର୍ଡକୁ ସ୍ଥାନାନ୍ତର କରାଯିବାକୁ ପୌର ପରିଷଦ ଯୋଜନା କରିଛି। ଭାଲୁଖୋଲଠାରେ ଜମା ହୋଇଥିବା ହଜାର ହଜାର ଟ୍ରିପ ଆବର୍ଜନାକୁ ସ୍ଥାନାନ୍ତରଣ କରିବା ସମ୍ଭବ ନଥିବାରୁ ଏହାକୁ ପୋତି ଦେବାକୁ ପୌର ପରିଷଦ ପାଣ୍ଠିରୁ ୧୮ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହି କାର୍ଯ୍ୟକୁ ଏକ ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରଦାନ କରାଯାଇଥିବା ବେଳେ ଖୋଦ୍ ନିର୍ବାହୀ ଅଧିକାରୀଙ୍କ

- **ଅନାବାଦୀ ଦର୍ଶାଇ ବନ କର୍ମଚାରୀଙ୍କୁ ଧମକ**
- **ଦୁର୍ନୀତିର ଚରମ ସୀମାରେ ପୌର ପ୍ରଶାସନ**

ତତ୍ତ୍ୱାବଧାନରେ କାର୍ଯ୍ୟ କରାଯାଉଛି । ନାମକୁ ମାତ୍ର ଏସଏଜି କାମ କରୁଥିବା କାଗଜ ପତ୍ରରେ ଦର୍ଶା ଯାଇଥିବା ବେଳେ ନିର୍ବାହୀ ଅଧିକାରୀଙ୍କ ମାର୍ଫତରେ କର୍ମଚାରୀଙ୍କ ଉପସ୍ଥିତିରେ କାମ ଚାଲୁଥିବା ଦେଖାଯାଇଛି । ନିକଟସ୍ଥ ବଳରାମ ପାହାଡ଼ରୁ ଜେସିବି ଓ ଟ୍ରାକ୍ଟର ଲଗାଇ ମାଟି ତଡ଼ା ଯାଇଛି। ପରିବେଷକୁ ନଷ୍ଟ କରିବା ସହ ଛୋଟ ଛୋଟ ଗଛ କାଟି ଉକ୍ତ ସ୍ଥାନରୁ ମାଟି ତଡ଼ା ଯିବା ଦ୍ୱାରା ପାହାଡ଼ ଧସିବାର ସମ୍ଭାବନା ସୃଷ୍ଟି ହୋଇଛି। ଏହି କାର୍ଯ୍ୟ କରିବା ପାଇଁ ନିଜେ ନିର୍ବାହୀ ଅଧିକାରୀ ଏବେ ଠିକାଦାର ସାଜିଥିବା ଚର୍ଚ୍ଚା ହେଉଛି। ନିକଟସ୍ଥ ପାହାଡ଼ରୁ ମାଟି ତାଡ଼ି ଉକ୍ତ ସ୍ଥାନରେ ପକାଇ ସରକାରୀ ଅର୍ଥକୁ ଚଳୁ କରିବାକୁ ମସୁଧା ହୋଇଛି। ମାଟି ପକାଇବାରେ ଲକ୍ଷେ କି ଦୁଇ ଲକ୍ଷ ଭିତରେ ଖର୍ଚ୍ଚ ହୋଇନଥିବା ବେଳେ ଉକ୍ତ କାମ ବାବଦ ୧୬ ଲକ୍ଷ ଟଙ୍କା ବିଲ କରାଯିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ଡମ୍ପିଂୟାଡର ୭୦ ପ୍ରତିଶତ ମାଟି ପୋତିବା କାମ ଶେଷ ହୋଇଛି । ଚଳିତ ବର୍ଷ ମାଟି ପୋତିବା କାମ ଆରମ୍ଭ କରାଯାଇଥିବା ବେଳେ ଗତବର୍ଷଠାରୁ ଏ ବାବଦରେ ବିଲ ଉଠାଣ ହୋଇଛି। ଗତବର୍ଷ ଏହି କାମ ଆଦୌ ହୋଇନଥିବା ବେଳେ ଲକ୍ଷାଧିକ ଟଙ୍କା ବିଲ କରାଯାଇଥିବା ବେଳେ ଏବର୍ଷ ମଧ୍ୟ ବଳକା ଅର୍ଥକୁ ବିଲ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ଏହି ଘଟଣାର ଭିଜିଲାନ୍ସ ତଦନ୍ତ ପାଇଁ ନୟାଗଡ଼ବାସୀ ଦାବି କରୁଛନ୍ତି। ମାଟି ତାଡ଼ିବା ଘଟଣାକୁ ନେଇ ପୌର ପ୍ରଶାସନ ପକ୍ଷରୁ ବନବିଭାଗ ଏକ ଅଣ୍ଡରଟେକିଂ ରଖିଥିବା ସୂଚନା ମିଳିଛି । ଜଙ୍ଗଲ ନଷ୍ଟ ନକରିବା ପାଇଁ ପୌର ପ୍ରଶାସନ ବନବିଭାଗକୁ ଲିଖିତ ଭାବେ ପ୍ରତିଶ୍ରୁତି ମଧ୍ୟ ଦେଇଥିବା ଜଣାପଡ଼ିଛି ।

## ■ ଚର୍ଚ୍ଚାରେ 'ଗଛ ସାର୍'

# ପଦ୍ମ ପୁରସ୍କାର ସୁପାରିସ କଲା ଜିଲ୍ଲା ପ୍ରଶାସନ

ଭାପୁର,୮।୧(ସମିସ): ରାଜ୍ୟର ଜଣାଶୁଣା ପରିବେଶବିତ ନୟାଗଡ଼ ଜିଲ୍ଲା ଖଣ୍ଡପଡା ବ୍ଲକ କଣ୍ଟିଲୋ ଗ୍ରାମର ଅନ୍ତର୍ଯ୍ୟାମୀ ସାହୁଙ୍କୁ ନେଇ ଏବେ ଚର୍ଚ୍ଚା । ଗଛସାରଙ୍କ ନାମରେ ପରିଚିତ ଅନ୍ତର୍ଯ୍ୟାମୀଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯିବାକୁ ଜିଲ୍ଲା ପ୍ରଶାସନ ସୁପାରିଶ କରିଛି। ଅବସରପ୍ରାପ୍ତ ଶିକ୍ଷକ ଅନ୍ତର୍ଯ୍ୟାମୀ ସାହୁ ଦୀର୍ଘ ୬ ଦଶନ୍ଧି ଧରି ରାଜ୍ୟର ନୟାଗଡ଼, ଫୁଲବାଣୀ, କନ୍ଧମାଳ ଜିଲ୍ଲାରେ ବୃକ୍ଷ ରୋପଣ, ପରିବେଶ ଓ ଜଙ୍ଗଲ ସୁରକ୍ଷା, ସସ୍ଂସ୍କୃତିର ପ୍ରଚାର ପ୍ରସାର, ଜୀବଜନ୍ତୁଙ୍କ ସୁରକ୍ଷା ଓ ଜୀବେ ଦୟା କାର୍ଯ୍ୟ କରି ଜିଲ୍ଲା ତଥା ରାଜ୍ୟର ଅନ୍ୟତମ ଶ୍ରେଷ୍ଠ ପରିବେଶ ପ୍ରେମୀ ଓ ବୃକ୍ଷ ମଣିଷ ଭାବେ ପରିଚିତ ଲାଭ କରିଛନ୍ତି। ତାଙ୍କୁ ପଦ୍ମଶ୍ରୀ ପୁରସ୍କାର ୨୦୨୬ ପ୍ରଦାନ ପାଇଁ ସେ ପଦ୍ମ ପୋର୍ଟାଲରେ ଆବେଦନ କରିଥିଲେ। ଏହା ପରେ ଖଣ୍ଡପଡା ବିଡିଓ ଓ ତହସିଲଦାର ଏ ନେଇ ତଦନ୍ତ କରି ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ମାତ୍ର, ଏହି ରିପୋର୍ଟକୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଇବା ପାଇଁ ପୂର୍ବତନ ଜିଲ୍ଲାପାଳ ଦୀର୍ଘ ଏକମାସ ଫାଇଲ ପକାଇ ରଖିଲେ। ନୂତନ ଜିଲ୍ଲାପାଳ ମଧୁମିତା ରଥ ଯୋଗଦାନ କରିବାର ଗୋଟିଏ ଦିନ ପରେ ଅବିଳମ୍ବେ ଗଛସାରଙ୍କ ଫାଇଲଟିକୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଇ ପଦ୍ମ ପୁରସ୍କାର ପାଇଁ ସୁପାରିଶ କରିଛନ୍ତି। ରାଜ୍ୟ ସରକାର ଏନେଇ ତ୍ୱରିତ ପଦକ୍ଷେପ ନେଲେ ଦୀର୍ଘ ୬୫ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଲକ୍ଷ ଲକ୍ଷ ବୃକ୍ଷ ଲଗାଇ ବିଶ୍ୱ ପରିବେଶ ସୁରକ୍ଷାରେ ଜୀବନକୁ ବାଜି ଲଗାଇ ଥିବା ଏହି ବୟସ୍କ ପରିବେଶ ପ୍ରେମୀଙ୍କୁ ଉଚିତ ସମ୍ମାନ ମିଳନ୍ତା।



## ଉତ୍କଳ ଘଣ୍ଟ ଯଦୁମଣି ମହାପାତ୍ରଙ୍କ ଜୟନ୍ତୀ



ନୟାଗଡ଼,୮।୧(ସମିସ): ନୟାଗଡ଼ ଜିଲ୍ଲା ଇଟା ଓ ମାଟିର କବି ଭାବେ ପରିଚିତ ଉତ୍କଳ ଘଣ୍ଟ ଯଦୁମଣି ମହାପାତ୍ରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଇଟାମାଟି ପୈତୃକ ବାସଭବନ ସାମ୍ନାରେ ରହିଥିବା ପ୍ରତିମୂର୍ତ୍ତୀରେ ପ୍ରମୁଖ ବ୍ୟକ୍ତି ବିଶେଷମାନେ ପହଞ୍ଚି ମାଲ୍ୟାର୍ପଣ କରିବା ସହ ସ୍ମୃତି ଚାରଣ କରିଛନ୍ତି। କବି ଯଦୁମଣିଙ୍କ ଷଷ୍ଠପିଢ଼ି ଦାୟାଦ ରୋହନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଜେପି ଜିଲ୍ଲା ସଭାପତି ତାପସ କୁମାର ମାର୍ଥା, କଂଗ୍ରେସ ଜିଲ୍ଲା ସଭାପତି ରଣଜିତ ଦାଶ, ସନ୍ତୋଷ କୁମାର ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯଦୁମଣିଙ୍କ ବାସସ୍ଥାନକୁ ଯାଇ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଛନ୍ତି। ଏହା ସହିତ ଯଦୁମଣି ସାହିତ୍ୟ ସଂସଦ ଓ ସାହିତ୍ୟ ଏକାଡେମୀ ଆନୁକୁଲ୍ୟରେ ଏକ ସାହିତ୍ୟ ସଭା ପଞ୍ଚାୟତ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବହୁ କବି, ଲେଖକ ଓ ସାହିତ୍ୟିକ ସାମିଲ ହୋଇଥିଲେ ।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ



ନୟାଗଡ଼,୮।୧(ସମିସ): ନୟାଗଡ଼ ସହର ନିକଟସ୍ଥ ସିନ୍ଦୁରିଆ ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଘାଟିତ ହୋଇଯାଇଛି। ପୂର୍ବାହ୍ନରେ କ୍ରୀଡ଼ା ଉତ୍ସବର ମଶାଲ ଦୁର୍ଗାପ୍ରସାଦ ଗ୍ରାମରେ ଥିବା ଜଳେଶ୍ୱର ବାବାଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଦୁର୍ଗାପ୍ରସାଦ ଓ ସିନ୍ଦୁରିଆ ଗ୍ରାମ ପରିକ୍ରମା କରି କ୍ରିଡ଼ା ମାଧ୍ୟମରେ ଶାନ୍ତି, ସଂହତି ଓ ଭବିଷ୍ୟତ ଜୀବନର ସାର୍ଥକତା ଉପରେ ବାର୍ତ୍ତା ଦେଇଥିଲେ। ଆଜିର କ୍ରୀଡ଼ା ଉତ୍ସବକୁ ପଞ୍ଚସଖା ଶିକ୍ଷା ସେତୁ ଯୋଜନାର ସଭାପତି ଭଗବାନ ଜେନା, ଓଡ଼ଗାଁ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରାଧ୍ୟାପକ ମହମ୍ମଦ ଉମର୍ ମଲ୍ଲିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥାଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ ଝୁମୁରୀ ସାହୁ ଛାତ୍ରଛାତ୍ରୀଙ୍କଠାରୁ ମଶାଲ ଗ୍ରହଣକରି ସ୍ଥାପନା କଲାପରେ କ୍ରୀଡ଼ା ପତାକା ଉତ୍ତୋଳନ କରି ପିଲାଙ୍କୁ କ୍ରୀଡ଼ାର ଉପକାରିତା ଉପରେ ବକ୍ତବ୍ୟ ରଖିଥିଲେ। ଉପକନିଷ୍ଠ, କନିଷ୍ଠ ଓ ବରିଷ୍ଠ ବର୍ଗ କରାଯାଇ ସମସ୍ତ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ାରେ ସାମିଲ୍ କରଯାଇଥିଲା। କ୍ରୀଡ଼ାକୁ କ୍ରୀଡ଼ା ଶିକ୍ଷକ ଚିତ୍ତରଂଜନ ବାରିକ୍ ଓ ଜିତେନ୍ଦ୍ର ଗୁରୁ ପରିଚାଳନା କରିଥିବା ବେଳେ ଉଦଘୋଷକ ଭାବରେ ଶେଖ୍ ଅବଦୁଲ୍ ଖାଲିକ୍ ଓ ସୁଷମା ବିଶ୍ୱାଳ ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

## ● ରାଜ୍ୟସ୍ତରୀୟ ଖଲିସାହି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସେମିରେ ମେଣ୍ଢାଶାଳ କ୍ରିକେଟ କ୍ଲବ୍



ଖଣ୍ଡପଡ଼ା,୮।୧(ସମିସ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଖଲିସାହି ୟୁନାଇଟେଡ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୩ୟ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଗୁରବାର ଖେଳାଯାଇଛି। ଏଥିରେ କଟକ ନୂଆପାଟଣା କ୍ଲବକୁ ୭ ୱିକେଟରେ ପରାସ୍ତ କରି ଭୁବନେଶ୍ୱର ମେଣ୍ଢାଶାଳ କ୍ଲବ ଦ୍ୱିତୀୟ ଦଳ ଭାବରେ ସେମି ଫାଇନାଲରେ ପ୍ରବେଶ କରିଛି। ଟସ ଜିତି ନୂଆପାଟଣା କ୍ଲବ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୨୦ ଓଭରରେ ଦଳ ୭ ଉଇକେଟ ହରାଇ ୧୯୭ ରନ ସଂଗ୍ରହ କରିଥିଲା। ଜବାବରେ ମେଣ୍ଢାଶାଳ ଦଳ ୧୩.୨ ଓଭରରେ ୩ ଉଇକେଟ ହରାଇ ୨୦୦ ରନ ସଂଗ୍ରହ କରିଥିଲା। ବିଜୟୀ ଦଳର ଅଭିଷେକ ପଟ୍ଟନାୟକ ୩୬ ବଲରେ ୧୦୦ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅତିଥି ତଥା ଅନୁଷ୍ଠାନର ସଭାପତି ପବିତ୍ର ଦାସ ଏବଂ ଶରତ ସାହୁ ତାଙ୍କୁ ପୁରସ୍କୃତ କରିଥିଲେ। ଅମ୍ପାୟର ରବିନାରାୟଣ ମିଶ୍ର ଓ ଦୀପକ ସାହୁ ଖେଳ ପରିଚାଳନା କରିଥିଲେ। ଗୌରାଙ୍ଗ ଚରଣ ସେଠୀ ସ୍କୋରସିଟ୍ ପରିଚାଳନା କରିଥିଲେ। ଶ୍ରୀନିବାସ ଦଳେଇ ଧାରାବିବରଣୀ ପ୍ରଦାନ କରିଥିଲେ। ଶୁକ୍ରବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଖୋର୍ଦ୍ଧା ଏକାଦଶ ଏବଂ କଟକ ନୀହାର ଏକାଦଶ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ସୂଚନା ଦେଇଛନ୍ତି।

## ସଂଘବଦ୍ଧ ଆକ୍ରମଣ ଘଟଣା; ଅଭିଯୁକ୍ତ ଗିରଫ

ଓଡ଼ଗାଁ,୮।୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଭାଡ଼ିକିଲା ପଞ୍ଚାୟତ ରଗଡ଼ିମଡ଼ା ଗାଁର ରବୀନ୍ଦ୍ର ରାଉତ (୩୦)କୁ ବାଉଁଶ ଗାଡ଼ିଆ ଛକରେ ସଂଘବଦ୍ଧ ଆକ୍ରମଣ ଘଟଣାର ଅନ୍ୟତମ ଅଭିଯୁକ୍ତ ସେହି ଗ୍ରାମର ପବିତ୍ର ବିଶ୍ୱାଳ (୪୪)ଙ୍କୁ ଓଡ଼ଗାଁ ଥାନା ପୁଲିସ ଗିରଫ କରିଛି। ଥାନା ଏସଆଇ ଚକ୍ରଧର ସିଂ ବୁଧବାର ରାତିରେ ସଦଳବଳ ଚଢ଼ଉ କରି ପବିତ୍ରଙ୍କୁ ଗିରଫ କରିଥିବା ବେଳେ ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୨୦୨୫ ମେ ୨୯ ତାରିଖ ପବିତ୍ର ବିଶ୍ୱାଳ, କୃଷ୍ଣଚନ୍ଦ୍ର ପ୍ରଧାନ ଏବଂ ପ୍ରଭାତ ବିଶ୍ୱାଳ ମିଳିତ ଭାବେ ମାରଣାସ୍ତ୍ରରେ ରବୀନ୍ଦ୍ରଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ରାସ୍ତାରେ ପକାଇ ଚାଲିଯାଇଥିଲେ। ପରିବାର ଲୋକେ ରବୀନ୍ଦ୍ରକୁ ଉଦ୍ଧାର କରି ଓଡ଼ଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ରବୀନ୍ଦ୍ରଙ୍କ ମା' ମଞ୍ଜୁ ରାଉତ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଅନ୍ୟତମ ଅଭିଯୁକ୍ତ କୃଷ୍ଣଚନ୍ଦ୍ର ଓ ପ୍ରଭାତଙ୍କୁ ଧରିବା ପାଇଁ ପୁଲିସ ଉଦ୍ୟମ ଜାରି ରଖିଛି।

## ଦୁର୍ଘଟଣାରେ ସାଇକଲ ଆରୋହୀ ମୃତ

ଭାପୁର,୮।୧(ସମିସ): ଅଜଣା ଗାଡ଼ି ଧକ୍କାରେ ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଶାଳପଡ଼ା ଗ୍ରାମର ଶିବପ୍ରସାଦ ଜତି (୬୫)ଙ୍କ ମୃତ୍ୟୁ ହୋଇଛି। ଗୁରୁବାର ସନ୍ଧ୍ୟା ୭ଟାରେ ଶିବପ୍ରସାଦ ଭାପୁର ମହୋତ୍ସବ ଦେଖି ସାଇକଲ ଯୋଗେ ଘରକୁ ଫେରୁଥିଲେ। ଗାଁ ବଜାର ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଭାପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ■ ସକାଳୁ ସକାଳୁ ନୂଆ ଜିଲ୍ଲାପାଳଙ୍କ ଚଢ଼ଉ

# ବସଷ୍ଟାଣ୍ଡ, ମେଡିକାଲ, ଟ୍ରେଜେରୀରେ ଛାନଭିନ୍

ନୟାଗଡ଼,୮।୧(ସମିସ): ନୟାଗଡ଼ ଜିଲ୍ଲାରେ ନୂତନ ଭାବେ ଯୋଗ ଦେଇଥିବା ଜିଲ୍ଲାପାଳ ମଧୁମିତା ରଥ ଆଜି ସକାଳୁ ସକାଳୁ ବିଭିନ୍ନ ସ୍ଥାନକୁ ଯାଇ ଛାନଭିନ୍ କରିବା ସହ ଅଧିକାରୀଙ୍କୁ ସଠିକ ଭାବେ କାର୍ଯ୍ୟ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ ପ୍ରଥମେ ନୂଆ ବସଷ୍ଟାଣ୍ଡକୁ ଯାଇ ସେଠାକାର ପରିସ୍ଥିତି ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କ ସହ ଆଲୋଚନା କରିଥିଲେ। ଆବଣ୍ଟିତ ହୋଇଥିବା ଦୋକାନ ଗୃହ ଗୁଡ଼ିକ ଖୋଲିବା ପାଇଁ ବ୍ୟବସାୟୀଙ୍କୁ ନୋଟିସ କରିବାକୁ ପରାମର୍ଶ ଦେଇଥିଲେ। ଯେଉଁ ବ୍ୟବସାୟୀ ଦୋକାନ ଖୋଲୁ ନାହାନ୍ତି, ତାହାକୁ ସିଲ କରିବାକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

ଏହା ସହିତ ସହରର ଅନ୍ୟ କୌଣସି ସ୍ଥାନରେ ବସ କିଭଳି ନରହିବା, ସେ ନେଇ କାର୍ଯ୍ୟପନ୍ଥା ସ୍ଥିର କରିବାକୁ ଆଲୋଚନା କରିଛନ୍ତି । ସହର ମଧ୍ୟରେ ବସ ରହଣୀ ହେଲେ ଆବଶ୍ୟକ ସ୍ଥାନରେ ଜରିମାନା କଷିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ସୂଚନା ଦେଇଛନ୍ତି। ଏହା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ସେଠାକାର ଅବ୍ୟବସ୍ଥାକୁ ତାଦରଖ କରିଛନ୍ତି। ସଠିକ ଭାବେ ସଫେଇ କରାଯିବା, ବେଡସିଟ୍ ବଦଳାଇବା, ଲିଫ୍ଟ କାର୍ଯ୍ୟକ୍ଷମ କରାଇବା ସହ ରୋଗୀଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଠିକା କର୍ମଚାରୀଙ୍କ ଦରମା ମାସର ୫ ତାରିଖ ସୁଦ୍ଧା ପ୍ରଦାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିବା ସୂଚନା ମିଳିଛି। ଡାକ୍ତରଖାନାକୁ ଜିଲ୍ଲାପାଳ ନିଜ କାର୍ଯ୍ୟାଳୟ ଅଭିମୁଖେ ଆସିବା ବେଳକୁ ହଠାତ୍ ଟ୍ରେଜେରୀକୁ ଯାଇ ତଦାରଖ କରିଛନ୍ତି। କାର୍ଯ୍ୟାଳୟ ପରିସରରେ ପାନ ଛେପ ପଡ଼ିଥିବା ଦେଖି ବିରକ୍ତି ପ୍ରକାଶ କରିବା ସହ ଏଭଳି ପୁନରାବୃତ୍ତି ନକରିବା ପାଇଁ ପରାମର୍ଶ ଦେଇଛନ୍ତି । ଶେଷରେ ସାମାଜିକ ସୁରକ୍ଷା ବିଭାଗକୁ ଯାଇ କର୍ମଚାରୀଙ୍କ ସହ ଆଲୋଚନା କରିଥିବା ଦେଖିବାକୁ ମିଳିଛି। ଜିଲ୍ଲାର ବିକାଶ ସହ ବିଭିନ୍ନ ବିଭାଗରେ କର୍ମଚାରୀମାନେ ବିଳମ୍ବରେ ଆସୁନଥିବା ନେଇ ଜିଲ୍ଲାପାଳ ସୂଚନା ପାଇ ଆଜି ଅଚାନକ ଏଭଳି ପରିଦର୍ଶନ କରିବାକୁ ନେଇ କର୍ମଚାରୀଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଛି। ବସଷ୍ଟାଣ୍ଡରେ ଜିଲ୍ଲାପାଳଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ତହସିଲଦାର ରାଜେଶ କେଶରୀ ସ୍ୱାଇଁ, ପୌର ପ୍ରଶାସନ, ପୁଲିସ ପ୍ରଶାସନ ପ୍ରମୁଖ ଉପସ୍ଥିତ ରହିଥିଲେ। ଡାକ୍ତରଖାନାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପୁଷ୍ପା ନୀଳିମା ଲାକ୍ରା, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ବୁଲାଇ ଦେଖାଇଥିଲେ ।

# ନୀଳମାଧବଙ୍କ ମାଘମେଳା ପାଇଁ ତତ୍ପରତା ନାହିଁ

କଣ୍ଟିଲୋ,୮।୧(ସମିସ): ଜଗନ୍ନାଥଙ୍କ ଆଦିପୀଠ ରୂପେ ପରିଚିତ ନୀଳମାଧବ କ୍ଷେତ୍ରରେ ଅନୁଷ୍ଠିତ ହେଉଥିବା ଯାନିଯାତ୍ରା ପାଳନ କ୍ଷେତ୍ରରେ ପ୍ରଶାସନ ଯେଉଁଳି ବୈମାତୃକ ମନୋଭାବ ପୋଷଣ କରୁଛି ତାହା ନୀଳମାଧବପ୍ରେମୀଙ୍କୁ ବ୍ୟଥିତ କରୁଛି। ଆଉ ଦିନ କେଇଟା ପରେ ଅର୍ଥାତ ମାଘ ଏକାଦଶୀ ଯାତ୍ରା ଅନୁଷ୍ଠିତ ହେବାକୁ ଥିବା ବେଳେ ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ମଧ୍ୟ ହୋଇନାହିଁ। କାହିଁ କେଉଁ କାଳରୁ ପ୍ରତିବର୍ଷ ମାଘ ଏକାଦଶୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ପ୍ରସିଦ୍ଧ ମାଘମେଳା କ୍ରମେ ପରିଚୟ ହରାଇବାରେ ଲାଗିଛି। ଗତ କିଛିବର୍ଷ ଧରି ନିର୍ଦ୍ଧାରିତ ସମୟରେ ମାଘମେଳା ଆୟୋଜନ ହେଉନାହିଁ। ମାଘ ମାସ ମେଳା ଫଗୁଣ ମାସରେ ହେଉଛି। ଫଳରେ ଏହି ମେଳା ପ୍ରାସଙ୍ଗିକତା ହରାଇଛି। ମେଳା ତାରିଖ, ଅପେରା ପରିବେଷଣ ସମୟ, ତଥା ମହୋତ୍ସବ ପାଳନ ମଧ୍ୟରେ ତାଳମେଳ ରହୁ ନ ଥିବାରୁ କ୍ରମେ ମାଘମେଳା ସଂକୁଚିତ ହେବାରେ ଲାଗିଛି। କଣ୍ଟିଲୋ ତଥା ଆଖ ପାଖ ଅଞ୍ଚଳରେ ଜନ୍ମ ନେଇଥିବା ପ୍ରତ୍ୟେକଙ୍କ ମନରେ ମାଘ ମାସ ଆରମ୍ଭରୁ ହିଁ ମନରେ ଏକ ଅକୁହା ଉତ୍ସାହ, ଉନ୍ମାଦ ଭରିଯାଏ। ଏହି ମେଳା ପରମ୍ପରା କ୍ରମେ ବୁଡ଼ିଯିବାକୁ ବସିଛି। ଚଳିତ ମାଘମେଳା ହେବାକୁ ଆଉ ଠିକ ୨୦ ଦିନ ବାକି ଅଛି। ଏହି ଐତିହ୍ୟସମ୍ପନ୍ନ ମାଘମେଳାକୁ ନିର୍ଦ୍ଧାରିତ ସମୟରେ ଆୟୋଜନ କରାଯିବା ସହ ଜିଲ୍ଲାସ୍ତରୀୟ ସାଂସ୍କୃତିକ ମହୋତ୍ସବ ରୂପେ ପାଳନ କରିବା ପାଇଁ ପଦକ୍ଷେପ ନିଆଗଲେ ମେଳା ପୂର୍ବଗୌରବ ଫେରିପାଇବ ବୋଲି ନୀଳମାଧବପ୍ରେମୀ ଦାବି କରିଛନ୍ତି।

## ୩୪ ୟୁନିଟ୍ ରକ୍ତ ସଂଗ୍ରହ

ଗଣିଆ,୮।୧(ସମିସ): ଗଣିଆ ବ୍ଲକ ଆଡ଼କଟା ପଞ୍ଚାୟତ ପରିସରରେ ନାଳନ୍ଦା ଏଜୁକେସନ ହବ୍ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ନାଳନ୍ଦା ଏଜୁକେସନ ହବ୍ ପରିଚାଳକ ଅମରେଶ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ୩୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଏଥିରେ କଟକରୁ ଡାକ୍ତର, ଟେକ୍ନିସିଆନ ଯୋଗଦେଇ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ପୂର୍ବତନ ସମିତି ସଭ୍ୟ ଚନ୍ଦ୍ରଶେଖର ସାହୁ, ନାଳନ୍ଦା ଏଜୁକେସନ ହବ୍‌ର ସମସ୍ତ କର୍ମକର୍ତ୍ତା ତଥା ଗ୍ରାମବାସୀ ସହଯୋଗ କରିଥିଲେ।

## ପୂର୍ବତନ ବାୟୁସେନା କର୍ମଚାରୀଙ୍କ ପରଲୋକ

ଗଣିଆ,୮।୧(ସମିସ): ନୟାଗଡ଼ ଜିଲ୍ଲା ଗଣିଆ ଗ୍ରାମର ପୂର୍ବତନ ବାୟୁସେନା କର୍ମଚାରୀ ବାସୁଦେବ ନାୟକ(କର୍ଣ୍ଣ-୭୩) ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ମଙ୍ଗଳବାର ପରଲୋକ ଘଟିଛି। ସେ ଜଣେ ଧର୍ମପରାୟଣ, ପରୋପକାରୀ ବ୍ୟକ୍ତି ଥିଲେ। ସେ ପ୍ରଥମେ ଭାରତୀୟ ବାୟୁସେନା କର୍ମଚାରୀ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ପରେ ରାଜ୍ୟ ଅତିରିକ୍ତ ଶ୍ରମ ଅଧିକାରୀ ଭାବେ କାର୍ଯ୍ୟକରୀ ଅବସର ଗ୍ରହଣ କରିଥିଲେ। ୪ ମାସ ତଳେ ସେ ଯକୃତ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ କୌଶଲ୍ୟା, ସାନଭଉଣୀ ଲକ୍ଷ୍ମୀ ଓ ଶାନ୍ତି, ସାନଭାଇ କାଳିଆ, ସାନବୋହୂ ପ୍ରତିମା, ପୁଅ ଚନ୍ଦନ, ପବନ, ଝିଅ ମୁନି, ବୋହୂ ରୀତା, ବିଷ୍ଣୁପ୍ରିୟା, ଜ୍ୱାଇଁ ଜୟକୃଷ୍ଣ, ପୁତୁରା ଶେଷ, ପ୍ରମେଶ, ବୁଲୁ, ଝିଆରୀ ରୀତା, ଭଣଜା ବୀର, ମଦନ, ମୋହନ, ଭାଣିଜି ରମା, ନାତି ବିପିନ, ବୁଟି ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ଚନ୍ଦନ ମୁଖାଗ୍ନି ଦେଇଥିଲେ।



## ସର୍ବଭାରତୀୟ ଦଶପଲ୍ଲା କପ୍: ସେମିରେ ବିହାର



ଦଶପଲ୍ଲା,୮।୧(ସମିସ): ସ୍ପୋଟିଭ ସ୍ପୋର୍ଟସ ସୋସାଇଟି ଆନୁକୁଲ୍ୟରେ ସ୍ଥାନୀୟ ଗାନ୍ଧୀ ମଇଦାନରେ ଆୟୋଜିତ ୨୬ ତମ ମର୍ଯ୍ୟାଦାଜନକ ଦଶପଲ୍ଲା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଗ୍ରୁପ୍ ଏ ପ୍ରଥମ ଲିଗ୍ ମ୍ୟାଚ୍ ସରିଛି। ଆଜିର ଖେଳରେ ମା କାମାକ୍ଷା ସ୍ପୋର୍ଟସ କ୍ଲବ୍ ବିହାର ଉଚ୍ଚକୋଟିର ଖେଳ ପ୍ରଦର୍ଶନ କରି ଭୁବନେଶ୍ୱର ଗଣ୍ଡରପୁର ଦଳକୁ ୩-୧ ଗୋଲରେ ପରାସ୍ତ କରି ପ୍ରଥମ ଦଳ ଭାବରେ ସେମିରେ ପ୍ରବେଶ କରିଛି। ଆଜି ଖେଳରେ ଅତିଥି ଭାବେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି ଓ ସ୍ଥାନୀୟ ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ ଯୋଗ ଦେଇଥିଲେ। ରେଫରୀ ରାଜ କିଶୋର ମହାନ୍ତି, ଲାଇନ୍ସରେ ଥିଲେ ରବୀନ୍ଦ୍ରନାଥ ନାୟକ, ପ୍ରସନ୍ନ ନାୟକ ଓ ଫୋର୍ଥ ଅଫିସିଆଲ୍ ଭାବରେ ଅଶୋକ ପ୍ରଧାନ ସହଯୋଗ କରିଥିଲେ। ଆସନ୍ତାକାଲି ୨ୟ ଲିଗ୍ ପ୍ରଥମ ମ୍ୟାଚ ହାଲ୍ ସୁନାବେଡ଼ା ବନାମ ଜେ ବି ୟୁନାଇଟେଡ ସ୍ପୋର୍ଟସ କ୍ଲବ୍ ଦିଲ୍ଲୀ ମଧ୍ୟରେ ଅନୁଷ୍ଠିତ ହେବା ନେଇ ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି।

## ମା' ରାମଚଣ୍ଡୀ କ୍ରିକେଟ: ସେମିରେ ଭାପୁର

ଭାପୁର,୮।୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବଡସହରା ପଞ୍ଚାୟତ ରାମପଡ଼ା ଗ୍ରାମରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆଜି ଦ୍ୱିତୀୟ କ୍ୱାଟରରେ ବାବା ବାଲୁଙ୍କେଶ୍ୱର ଦେବ କ୍ରିକେଟ କ୍ଲବ ଭାପୁର ଏବଂ ମା ଢୋଲଚଣ୍ଡୀ କ୍ରିକେଟ କ୍ଲବ ବଡସହରା ସହ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ପ୍ରଥମେ ବାବା ବାଲୁଙ୍କେଶ୍ୱର ଦେବ କ୍ରିକେଟ କ୍ଲବ ଭାପୁର ଟଚ ଜିତି ବ୍ୟାଟିଂ ନେବାପାଇଁ ନିଷ୍ପତ୍ତି ନେଇଥିଲା। ଭାପୁର ୨୦ ଓଭରରେ ୫ଗୋଟି ୱିକେଟ ହରାଇ ୨୫୫ ରନ୍ ସଂଗ୍ରହ କରିଥିଲା। ଜବାବରେ ବଡସହରା ୧୯ ଓଭରରେ ସମସ୍ତ ୱିକେଟ ହରାଇ ୧୭୪ ସଂଗ୍ରହ କରିବାରେ ପରାସ୍ତ ହୋଇଥିଲା । ଆଜିର ଏହି ମ୍ୟାଚରେ ଶ୍ରେଷ୍ଠ ଖେଳାଳି ଭାବେ ବାବା ବାଲୁଙ୍କେଶ୍ୱର ଦେବ କ୍ରିକେଟ କ୍ଲବ ଭାପୁର ଖେଳାଳି ଚନ୍ଦନ ୬୪ ବଲରେ ୧୨୬ ରନ୍ କରି ଶ୍ରେଷ୍ଠ ଖେଳାଳି ଭାବେ ମନୋନୀତ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ଧ୍ରୁବ ପଲେଇ, ନବକିଶୋର ବରାଡ଼, ଜିତୁ ପଲେଇ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆଜିର ଏହି ମ୍ୟାଚକୁ ପରିଚାଳନା କରିଥିଲେ ଅମ୍ପାୟାର ତାପସ କୁମାର ସ୍ୱାଇଁ ଏବଂ ସୋମନାଥ ପଲେଇ। ସ୍କୋର ବୋର୍ଡ ସିଦ୍ଧାନ୍ତ ସ୍ୱାଇଁ କରିଥିବା ବେଳେ ଧାରା ବିବରଣୀ ପ୍ରଦାନ କରିଥିଲେ ରାମନାଥ ବରାଡ଼ । ଆସନ୍ତା କାଲି ତୃତୀୟ କ୍ୱାଟରରେ ପଥରପୁଞ୍ଜି ଏବଂ ଗୁଠୁଣି ସହ ଖେଳାଯିବ ବୋଲି ସୂଚନା ମିଳିଛି ।

# ଉତ୍କର୍ଷ ଭାପୁର ମହୋତ୍ସବ ଉଦ୍‌ଘାଟିତ



ଭାପୁର,୮।୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ଗୁରୁବାର ଉତ୍କର୍ଷ ଭାପୁର ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ୨୦୨୬ ଉଦଘାଟିତ ହୋଇଛି। ସକାଳେ ଭାପୁର ଗ୍ରାମର ଆରାଧ୍ୟ ଦେବତା ବାବା ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିରଠାରୁ ମଶାଲ ଶୋଭାଯାତ୍ରା ବାହାରି ମହୋତ୍ସବ ପଡ଼ିଆରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଅନେକ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଓ ଯୁବକ ସାମିଲ ହୋଇଥିଲେ। ବରିଷ୍ଠ କଳାକାର ଜଗଦୀଶ ରଥ, ପ୍ରାଣକୃଷ୍ଣ ମହାରଣାଙ୍କ ନେତୃତ୍ୱରେ ସ୍ଥାନୀୟ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ ଟିଟିଲାଗଡ଼ର ବୀଣାପାଣି କଳାପରିଷଦର କଳାକାର କଳା ପରିବେଷଣ କରିଥିଲେ। ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ଖଣ୍ଡପଡ଼ା ତହସିଲଦାର ବିଶ୍ରୁତ ତ୍ରିପାଠୀ, ତିରୁପତି ବିଶ୍ୱବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ା, ଜିଲ୍ଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ସାହୁ, ଭାପୁର ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ଭାପୁର ତହସିଲଦାର ଲୋପାମୁଦ୍ରା ରଥ, ଖଣ୍ଡପଡ଼ା ଏସଡିପିଓ ମଦନ ମୋହନ ପ୍ରଧାନ ଯୋଗଦେଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଫତେଗଡ଼ ଥାନା ତରଫରୁ ପଞ୍ଚାନନ ପରିଡ଼ାଙ୍କ ନେତୃତ୍ୱରେ ୪ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।

# ଖୋର୍ଦ୍ଧାରେ ଜମି ବିକ୍ରିରେ ବ୍ୟାପକ ତଞ୍ଚକତା

ଖୋର୍ଦ୍ଧା, ୮।୧(ସମିସ)

ଗୋଟିଏ ଜମିକୁ ବିକ୍ରି ଲାଗି କ୍ରେତାଙ୍କ ଠାରୁ ଲକ୍ଷାଧିକ ଟଙ୍କା ନେଲେ ଜମି ମାଲିକ। ପରେ ଉକ୍ତ ଜମି ପାଇଁ ଅନ୍ୟ ଜଣଙ୍କଠାରୁ ମଧ ଟଙ୍କା ଉଠାଇଥିବା ଅଭିଯୋଗ ହୋଇଛି। କିନ୍ତୁ ଟଙ୍କା ଆଣିଥିବା କ୍ରେତାଙ୍କୁ ଜମି ନଦେଇ ଶେଷରେ ଗତ ଅଗଷ୍ଟ ମାସ ୧୨ ତାରିଖରେ ଉକ୍ତ ବିବାଦୀୟ ଜମିକୁ ଶ୍ରୀକାନ୍ତ ମହାନ୍ତି ନାମକ କ୍ରେତାଙ୍କୁ ବିକ୍ରୀ କରିଛନ୍ତି ଦଲାଲ ଜମି ମାଲିକ। ଜମି ରଖିବାକୁ ଲକ୍ଷାଧିକ ଟଙ୍କା ଦେଇ ଜମି କି ଟଙ୍କା କିଛି ନପାଇ ନିରାଶ ହେବା ପରେ ଆଦର୍ଶ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଅଭିଯୋଗକାରୀ। ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ସଞ୍ଜୟ ନାୟକ ପ୍ରକାଶ କରିଛନ୍ତି।

ଅଭିଯୋଗ ଅନୁସାରେ, ବେଗୁନିଆ ତହସିଲ ଗୋବିନ୍ଦପୁର ମୌଜାରେ ଅଭିଯୋଗକାରୀଙ୍କ ପତ୍ନୀଙ୍କ ସମେତ ଅନ୍ୟ ୨ଜଣଙ୍କ ନାଁରେ ଖାତା ନଂ- ୩୫୭ ରେ ଥିବା ୩ଟି ପ୍ଲଟ ରେ ଏରିଆ ୧ଏକର ୪୨୮ ଡିସିମିଲ ଜମି ରହିଥିବାବେଳେ ତନ୍ମଧ୍ୟରେ ସଦର ଥାନା ଅନ୍ତର୍ଗତ ଦେଉଳଟାଙ୍ଗି ଗ୍ରାମର ସୁବାସ ବେହେରା ଜମିର ଗୋଟିଏ ଅଂଶ ମାଲିକ ଥିଲେ। ତାଙ୍କ ଅଂଶକୁ ଅନ୍ୟଜଣେ ମାଲିକଙ୍କୁ ଦେବା ଲାଗି ତାଙ୍କ ସ୍ୱାମୀ ପ୍ରକାଶ ହାତୀଙ୍କ ଠାରୁ ବିଭିନ୍ନ ସମୟରେ ଏବାବଦରେ ପ୍ରାୟ ୭ଲକ୍ଷ ୨୫ହଜାର ଟଙ୍କା ନେଇଥିଲେ। ମାତ୍ର ସମୟ ପରେ ସମୟ ଗଡି ଚାଲିଥିବାବେଳେ ଶ୍ରୀ ହାତୀଙ୍କୁ ଜମି ନଦେଇ ସୁବାସ ଉକ୍ତ ଜମିକୁ ୩ଜଣ ମାଲିକାନା ଅଂଶ ସତ୍ୱେ ଦୁଇଜଣଙ୍କ ଠାରୁ ମଞ୍ଜୁର ନ ନେଇ ଉପନିବନ୍ଧକ ବେଗୁନିଆ କାର୍ଯ୍ୟାଳୟର କିଛି ଅସାଧୁ କର୍ମଚାରୀଙ୍କୁ ହାତ କରି ତଞ୍ଚକତା ପୂର୍ଣ୍ଣଭାବେ ଅନ୍ୟଜଣେ କ୍ରେତା ଶ୍ରୀକାନ୍ତ ମହାନ୍ତିଙ୍କୁ ବିକ୍ରି କରିଛନ୍ତି।



ଜମି ଦେବା ଆଳରେ ଲକ୍ଷାଧିକ ଟଙ୍କା ନେଇ ଜମି ମାଲିକ ଫେରାର

ଜମି କିଣିବା ଲାଗି ଟଙ୍କା ଦେଇଥିବା ଶ୍ରୀ ହାତୀ ଜମି ପଞ୍ଜିକରଣ ଲାଗି ସୁବାସକୁ କହୁଥିଲେ ମଧ ସେ ଜମି ବିକ୍ରୀ ସମ୍ପର୍କରେ ନ କହିବା ଏବଂ ଉକ୍ତ ଟଙ୍କା ନଦେବା ଆଳରେ ଧରାଛୁଆଁ ଦେଉନଥିଲା। ଏ ନେଇ ଶ୍ରୀ ହାତୀ ଆଦର୍ଶ ଥାନାରେ ଅଭିଯୋଗ କରିବା ପରେ ପୁଲିସ ସୁବାସକୁ ଗତ ସେପ୍ଟେମ୍ବର ମାସ ୨୯ ତାରିଖରେ ଥାନାକୁ ଡାକି ପଚରାଉଚରା ସମୟରେ ସୁବାସ ଟଙ୍କା ନେବା କଥାକୁ ସ୍ୱୀକାର କରିବା ସହ ଉକ୍ତ ସମୟରେ ଶ୍ରୀ ହାତୀଙ୍କୁ ୪୦ ହଜାର ଟଙ୍କା ପୁଲିସ ଉପସ୍ଥିତିରେ ଫେରାଇଥିଲେ। ଅବଶିଷ୍ଟ ଟଙ୍କା ସବୁ ଏକ ମାସ ମଧ୍ୟରେ ଦେବା ଲାଗି ଥାନା ଅଧିକାରୀଙ୍କ ଆଗରେ ସମୟ ମାଗିଥିଲେ। ମାତ୍ର ସମୟ ପରେ ସମୟ ଗଡି ଚାଲିଥିଲେ ମଧ ସୁବାସ ଏ ନେଇ ପୁଲିସର କୌଣସି ଫୋନ୍ ର ପ୍ରତ୍ୟୁତର ଦେଉନଥିଲା। ବରଂ ଲକ୍ଷାଧିକ ଟଙ୍କା ନେଇ ସୁବାସ ଗାଁ ରେ ନରହି କେଉଁଆଡେ ଫେରାର ହୋଇଯାଇଥିବା ପୁଲିସ ସୂଚନା ଦେଇଛି। ତା ବିରୋଧରେ ବଳିଷ୍ଠ ଦଫା ଲଗାଯାଇ ମାମଲା ରୁଜୁହୋଇଛି। ଖୁବଶୀଘ୍ର ତାକୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ଏ ର୍ୟାକେଟରେ ଦେଉଳଟାଙ୍ଗି ଅଞ୍ଚଳର ଅନ୍ୟ ଦୁଇଜଣ ମଧ ସମ୍ପୃକ୍ତ ଥିବା ପୁଲିସ ଜାଣିବାକୁ ପାଇଛି। ସେମାନଙ୍କୁ ମଧ ପୁଲିସ ତଦନ୍ତ ପରିସରକୁ ନେଇଥିବା ଜାଣିବାକୁ ମିଳିଛି।

ପ୍ରକାଶ ଥାଉକି, ଏହା ଏକ ଘଟଣା ନୁହେଁ ବରଂ ସୁବାସ ନାଁରେ ବିଭିନ୍ନ ସମୟରେ ଜମି ହେରଫେର ନେଇ ଅଭିଯୋଗ ହେଉଛି। କେତେବେଳେ ଜଗନ୍ନାଇ ମହାପ୍ରଭୁ ବିଜେଙ୍କ ଜମିକୁ ଜଗନ୍ନାଥ ବେହେରା କରି ବିକିଲେଣି ତ ଆଉକେତେବେଳେ ମୃତବ୍ୟକ୍ତିଙ୍କ ଜମିକୁ ଟଂଚକତା କରି ବିକ୍ରୀ କଲେଣି। ଯାହା ଦେଉଳଟାଙ୍ଗି ଅଞ୍ଚଳରେ ଚର୍ଚ୍ଚାର ବିଷୟହୋଇଛି।

## ଖୋର୍ଦ୍ଧା ମଣ୍ଡଳସ୍ତରୀୟ ସ୍ଥାୟୀ ଜୀବନଶୈଳୀ ପ୍ରଦର୍ଶନୀ




୬୧ ପ୍ରକଳ୍ପ ପ୍ରଦର୍ଶିତ

ଖୋର୍ଦ୍ଧା, ୮।୧ (ସମିସ): ସ୍ଥାନୀୟ ବିଜେବି ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ମଣ୍ଡଳସ୍ତରୀୟ ସ୍ଥାୟୀ ଜୀବନଶୈଳୀ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଅଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପରିଷଦ ଅଧକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ ଯୋଗଦେଇ ପ୍ରକୃତି ମାଆ କୁ ସୁରକ୍ଷିତ ରଖିବାକୁ ପିଲାମାନଙ୍କୁ ଆହ୍ୱାନ କରିଥିଲେ। ଅନ୍ୟତମ ଅତିଥିଭାବେ ଖୋର୍ଦ୍ଧା ପଂଚାୟତ ସମିତିର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ ଯୋଗଦେଇ ଧାରଣୀୟ ବିକାଶର ଗୁରୁତ୍ୱକୁ ପିଲାମାନଙ୍କ ଆଗରେ ଉପସ୍ଥାପିତ କରିଥିଲେ। ସମ୍ମାନିତ ଅତିଥିରୂପେ ସହ-ଗୋଷ୍ଠୀ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ, ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୂପ୍ରସାଦ ସେନାପତି ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶୁଭାଙ୍ଗି ପାଲଟାସିଂହ ଯୋଗ ଦେଇଥିଲେ। ଏହି ପ୍ରଦର୍ଶନୀରେ ମୋଟ ୬୧ଟି ପ୍ରକଳ୍ପ କୁନି ବୈଜ୍ଞାନିକ ମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରଶ୍ମିବାଳା ପରିଡା, ମୁଖ୍ୟବକ୍ତା ରୂପେ ବିଜେତ୍ରୀ ଫାଉଣ୍ଡେସନ ର ନିର୍ଦ୍ଦେଶକ ତଥା ବୈଜ୍ଞାନିକ ଡ. ସୁଦର୍ଶନ ରାଜ ଯୋଗଦେଇ ଆଲୋଚନା କରିଥିଲେ।

ଆଜିର ପ୍ରଦର୍ଶନୀରେ ଭାଗ ନେଇଥିବା ପ୍ରତିଯୋଗୀ ମାନଙ୍କ ମଧ୍ୟରୁ କାଇପଦର ମାଳିସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଆଦ୍ୟାଶା ଭାରିମଲ, ଗୁରୁଜଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ରଂଜିତ ରାଉତରାୟ, ନୂଆପଡା -ମୁକ୍ତା ପୁର ମହାମାୟା ସରକାରୀ ଉଚ୍ଚ ବିଦ୍ୟାଳୟର ଶିବାତୋଷ ସାହୁ, ବି. ଜେ. ବି ଉଚ୍ଚ ବିଦ୍ୟାଳୟ ର ଅବିନାଶ ବଳିୟାରସିଂ, ପାଇକତି ଗିରିଆ ସରକାରୀ ଉଚ୍ଚ ବିଦ୍ୟାଳୟ ସ୍ୱାତିପ୍ରଜ୍ଞା ମୁଦୁଲି, ବ୍ରାହ୍ମଣବେରେଣୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଓମ ପ୍ରକାଶ ଲେଙ୍କା, ମୁକୁନ୍ଦପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟ ର ମୁସ୍ତାଫିଜ ଖାନ ପ୍ରମୁଖ ପୁରସ୍କୃତ ହୋଇ ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମକୁ ଖୋର୍ଦ୍ଧା ବି.ଆର.ସି. ସି ସାନ୍ଧ୍ୟବତୀ ଲେଙ୍କା ସଂଯୋଜନା କରିଥିବା ସ୍ଥଳେ ସମସ୍ତ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ସହଯୋଗ କରିଥିଲେ।

● ଦୋକାନରୁ ରୁପା ଅଳଙ୍କାର ଲୁଟ୍ ଘଟଣାର ପର୍ଦ୍ଦାଫାସ

## ମିଳିଲା ଅଢ଼େଇ କେଜି ରୁପା ଅଳଙ୍କାର, ଜଣେ ଗିରଫ



ଖୋର୍ଦ୍ଧା,୮।୧(ସମିସ): ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ମାର୍କେଟ କମ୍ପ୍ଲେକ୍ସ ଏକ ଦୋକାନରୁ ସୁନା ଓ ରୁପା ଅଳଙ୍କାର ଲୁଟ୍ ମାମଲାର ପର୍ଦ୍ଦାଫାସ କରିଛି ଆଦର୍ଶ ଥାନା ପୁଲିସ। ଏହି ଘଟଣାରେ ପୁଲିସ ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଗଡଖୋର୍ଦ୍ଧା ହାଉସିଂବୋର୍ଡ କଲୋନୀର ଚନ୍ଦନ ନାୟକ ଓରଫ୍ ବାଲୁଆ କୁ ଗିରଫ କରିଛି। ତାଙ୍କ ଘର ବାଡିପଟ ଟାଙ୍କିପଛପଟୁ ଲୁଚାଯାଇଥିବା ୨ କେଜି ୬୩୮ ଗ୍ରାମର ରୂପା ଅଳଙ୍କାର, ଏକ ବାଇକ, ଚୋରିରେ ବ୍ୟବହୃତ ୨ଟି ଲୁହାରଡ ଜବତ କରିଛି ବୋଲି ଆଦର୍ଶ ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମିଳନୀ ରେ ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି ସୂଚନା ଦେଇଛନ୍ତି।

ଶ୍ରୀ ମହାନ୍ତିଙ୍କ ସୂଚନା ଅନୁସାରେ, ନୂଆ ବସଷ୍ଟାଣ୍ଡ ମାର୍କେଟ କମ୍ପ୍ଲେକ୍ସର ଜଙ୍କିଆ ଗୌଡପାଟଣା ର ଦିନେଶ କୁମାର ସାଥୁଆଙ୍କର ଏକ ଅଳଙ୍କାର ଦୋକାନ ରହିଛି। ଉକ୍ତ ଦୋକାନରୁ ଗତ ମାସ ୧୪ ତାରିଖ ରାତିରେ ବାଲୁଆ ରଡ୍ ଯୋଗେ ତାଲା ଭାଙ୍ଗି ରୁପା ଓ ସୁନା ଅଳଙ୍କାର ଲୁଟିନେଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ଉପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏସ୍‌ପି ବେକାନନ୍ଦ ଶର୍ମା ଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ନିହାର ପ୍ରଧାନ ଓ ଥାନାଧିକାରୀ ସଞ୍ଜୟ ନାୟକ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଏସ୍‌ଆଇ ଦିନେଶ ପିଙ୍ଗୁଆଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢଉ କରିଥିଲେ।

ତେବେ ବାଲୁଆ ଲୁଟ ଅଳଙ୍କାରକୁ ବିକ୍ରି କରିବାକୁ ବିଭିନ୍ନ ସ୍ଥାନରେ ଉଦ୍ୟମ କରି ବିଫଳ ହୋଇଥିଲା। ତେଣୁ ଚୋରି ଅଳଙ୍କାରକୁ ବାଡିପଟ ଟାଙ୍କି ପଛପଟେ ବାଲୁଆ ଲୁଚାଇଥିବାବେଳେ କୌଣସି ସୂତ୍ରରୁ ଖବର ପାଇ ପୁଲିସ ତାକୁ ଧରିଥିଲା। ତାର ବୟାନ ମୁତାବକ ବାଡିପଛପଟ ଟାଙ୍କି ପାଖରୁ ପୁଲିସ ଚୋରି ସାମଗ୍ରୀ ଜବତ କରିଥିଲା। ତେବେ ବାଲୁଆ ଜଣେ ପେସାଦାର ଅପରାଧି ହୋଇଥିବାବେଳେ ତା ନାଁରେ ଆଦର୍ଶ ଥାନାରେ ୧୮ ଟି, ସଦର ଥାନାରେ ୨ଟି, ଶିଳ୍ପାଂଚଳ ଥାନାରେ ଗୋଟିଏ ଏବଂ ଜଟଣୀ ଥାନାରେ ୩ଟି ମାମଲା ରହିଥିବା ଅତିରିକ୍ତ ଏସ୍‌ପି ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମିଳନୀରେ ଥାନାଧିକାରୀ ସଞ୍ଜୟ ନାୟକ, ଅତିରିକ୍ତ ଥାନାଧିକାରୀ ଭାଗ୍ୟଶ୍ରୀ ବେହେରା ଏବଂ ବିଭୁତି ଭୂଷଣ ମହାପାତ୍ର, ତଦନ୍ତ ଅଧିକାରୀ ଦିନେଶ ପିଙ୍ଗୁଆ ଉପସ୍ଥିତ ଥିଲେ।

● ଖୋର୍ଦ୍ଧାରେ କେନ୍ଦ୍ରୀୟ ଜିଏସ୍‌ଟି ଟିମ୍‌ର ଚଢ଼ଉ

## ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ

ଖୋର୍ଦ୍ଧା,୮।୧(ସମିସ): ଖୋର୍ଦ୍ଧା ସଦର ଥାନା ଅଞ୍ଚଳରେ ଥିବା ଏକ ରେଡି ମିକ୍ସ କମ୍ପାନୀ ଉପରେ ସେଂଟ୍ରାଲ (କେନ୍ଦ୍ରୀୟ)ଜିଏସଟି ଟିମ୍ ପକ୍ଷରୁ ଗୁରୁବାର ଚଢଉ କରାଯାଇଛି। ୨ଟି ଭାଗରେ ୬ଅଧିକାରୀ ଏହି ଚଢାଉ କରିଛନ୍ତି। ସମ୍ପୃକ୍ତ ମାଲିକ ଗୋଟିଏ ଜିଏସଟି ବିଲ୍ ରେ ଇଟା ଫ୍ୟାକ୍ଟ୍ରି, କ୍ରସର ଏବଂ ଏକ ରେଡିମିକ୍ସ କମ୍ପାନୀ ଚଳାଇଥିବା ଜିଏସଟି ବିଭାଗ ଜାଣିବାକୁ ପାଇଛନ୍ତି। ଗୋଟିଏ ଟିମ୍ ସଂସ୍ଥା ମାଲିକଙ୍କ କଦଳୀବାଡିସ୍ଥିତ ଘରେ ଏବଂ ଅନ୍ୟ ଏକ ଟିମ୍ ରେଡିମିକ୍ସ କମ୍ପାନୀ ପ୍ରଭୃତିରେ ଚଢଉ କରିଛନ୍ତି। ଷ୍ଟକ ରେଜିଷ୍ଟର, ରିଟର୍ଣ୍ଣ, ବିକ୍ରୀ ଓ କିଣା ପ୍ରଭୃତିର ଯାଂଚ କରିଥିବା ଜଣାପଡିଛି। ଚଢଉ ବେଳେ ଜିଏସଟି ଅଧିକାରୀ କମ୍ପାନୀର ବହୁ ଗୁରୁତ୍ୱପୂର୍ଣ୍ଣର୍ କାଗଜପତ୍ର ଜବତ କରିଛନ୍ତି। ଘରେ ଚଢଉ ବେଳେ ବହୁ ଆବଶ୍ୟକୀୟ ଦସ୍ତାବିଜ୍ ଜବତ ହୋଇଥିବାବେଳେ ପ୍ରାୟ କୋଟିଏ ଟଙ୍କାରୁ ଉଦ୍ଧର୍ବ୍ ଟଙ୍କାର ଜରିମନା କରିଥିବା ସୂଚନା ମିଳିଛି। ଦୀର୍ଘଦିନ ସମ୍ପୃକ୍ତ ମାଲିକ ଜିଏସ୍‌ଟି ଫାଙ୍କି ଚାଲିଥିବା ବେଳେ ଏବେ ଧରାପଡିଛନ୍ତି। ଆଜି ଟିମ୍ ଅଚାନକ ଭାବେ ଚଢଉ କରିଥିଲା। ରିପୋର୍ଟ ଲେଖାହେବା ଯାଏଁ ଚଢଉ ଚାଲିଥିବାବେଳେ ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ରେଡ ରେ ଥିବା ଅଧିକାରୀମାନେ କୌଣସି ସୂଚନା ଦେଇନାହାନ୍ତି। ଏ ନେଇ ଖୋର୍ଦ୍ଧା ଜିଏସ୍‌ଟି ଅଫିସର ବିଶ୍ୱଜିତ ମହାନ୍ତିଙ୍କୁ ପଚାରିବାରୁ ଖବର ନଥିବା କହିଛନ୍ତି। ତାଙ୍କୁ କୌଣସି ଖବର ଦେଇନଥିବା କହିଛନ୍ତି।

## ବ୍ୟବସାୟୀ ଶୋଭନ ଘୋଷଙ୍କ ମାତୃ ବିୟୋଗ

ଖୋର୍ଦ୍ଧା,୮।୧(ସମିସ): ଆଦର୍ଶ ଥାନା ଅନ୍ତର୍ଗତ ବିଡ଼ିଏ କଲୋନୀ ବାସିନ୍ଦା ପୁଷ୍ପିତା ଘୋଷଙ୍କ ଆଜି ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୫ ବର୍ଷ ହୋଇଥିଲା। ପୁଅ ଶୋଭନ ଘୋଷ ଖୋର୍ଦ୍ଧା ସହରର ଜଣେ ବିଶିଷ୍ଟ ବ୍ୟବସାୟୀ ହୋଇଥିବାବେଳେ ସେ ସର୍ବଦା ସମାଜସେବାରେ ନିଜକୁ ନିୟୋଜିତ କରିଛନ୍ତି। ଗତ କାଲି ସ୍ୱର୍ଗତ ପୁଷ୍ପିତା ଅସୁସ୍ଥ ହୋଇ ପଡ଼ିବାରୁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଭର୍ତି ହୋଇଥିଲେ। ଆଜି ସକାଳେ ହୃଦଘାତରେ ତାଙ୍କର ମୃତ୍ୟୁ ଘଟିଛି। ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତେଷ୍ଟି କ୍ରିୟା ସମ୍ପନ୍ନ ହୋଇଥିଲା। ବଡ ପୁଅ ସପନ ଘୋଷ ମୁଖାଗ୍ନି ଦେଇଥିଲେ।

## ବାଣପୁରରେ ଜିଲ୍ଲାର ପ୍ରଥମ ଧାନମଣ୍ଡିର ଶୁଭାରମ୍ଭ

ବାଣପୁର, ୮।୧(ସମିସ): ଚଳିତ ବର୍ଷର ଖରିଫ ଧାନ ସଗ୍ରହ ପାଇଁ ସରକାରୀ ସ୍ତରରେ ଖୋର୍ଦ୍ଧା ଜିଲ୍ଲାର ପ୍ରଥମ ଧାନମଣ୍ଡି ବାଣପୁର ବ୍ଲକ ଅନ୍ତର୍ଗତ ତୁମୁରାପୁଟ ସମବାୟ ସମିତି ଧାନମଣ୍ଡିରେ ବିଧିଠିବଦ୍ଧ ଭାବେ ପୂଜାର୍ଚ୍ଚନା କରାଯାଇ ଶୁଭାରମ୍ଭ କରାଯାଇଛି। ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜଙ୍କ ତତ୍ୱାବଧାନରେ ତୁମୁରାପୁଟ ସମବାୟ ସମିତିରେ ଆୟୋଜିତ ଜିଲ୍ଲାର ପ୍ରଥମ ଧାନମଣ୍ଡିକୁ ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆନୁଷ୍ଠାନିକ ଭାବେ ନଡ଼ିଆ ବାଡ଼େଇ ଶୁଭାରମ୍ଭ କରିଥିଠଲେ। କାର୍ଯ୍ୟକ୍ରମରେ ପୁରୀ ସାଂସଦ ସମ୍ବିତ୍ ପାତ୍ର, ବାଣପୁର ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂହ, ଜିଲ୍ଲା ଯୋଗାଣ ଅଧିକାରୀ ଜ୍ଞାନ ରଂଜନ ମିଶ୍ର, ସମବାୟ ସମିତି ସମୂହ ଖୋର୍ଦ୍ଧା ଉପନିବନ୍ଧକ ଅଳକାନନ୍ଦା ଜେନା, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ସାରଥି ଶତପଥି, ସମବାୟ ସମିତି ସମୂହ ଖୋର୍ଦ୍ଧା ସହକାରୀନିବନ୍ଧକ ଭଗବତ ମାରାଣ୍ଡିଙ୍କ ସମେତ ସ୍ଥାନୀୟ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ। ବାଣପୁର ବ୍ଲକ ଅଧିନ ତୁମୁରାପୁଟ ସମବାୟ ସମିତି ପ୍ରାଙ୍ଗଣରେ ଜିଲ୍ଲାର ପ୍ରଥମ ଧାନମଣ୍ଡି ମାଧ୍ୟମରେ ଧାନ ସଂଗ୍ରହ ଆରମ୍ଭ ହୋଇଯାଇଛି। ଖୋର୍ଦ୍ଧା ଜିଲ୍ଲାରେ ୧୫୪ ମଣ୍ଡି ମାଧ୍ୟମରେ ୧୨ ଲକ୍ଷରୁ ଉର୍ଦ୍ଧ କୁଇଣ୍ଟାଳ ଧାନ ସଂଗ୍ରହ କରିବାର ଲକ୍ଷ୍ୟ ରଖାଯାଇଛି। ଚଳିତ ବର୍ଷ ୫୨ ହଜାରରୁ ଉର୍ଦ୍ଧ ଚାଷୀ ଧାନ ଦେବାକୁ ପଞ୍ଜିକରଣ କରିଥିବା ବେଳେ ଚାଷୀମାନେ ଯେପରି ହଇରାଣ ନହେବେ ସେଥିପ୍ରତି ଦୃଷ୍ଟି ଦେବାକୁ ଗୁରୁତ୍ୱ ଦିଆଯାଉଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକଙ୍କ ପ୍ରକଳ୍ପ ପରିଦର୍ଶନ

ନିରାକାରପୁର, ୮।୧ (ସମିସ): ଭୁବନେଶ୍ୱର ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଟାଙ୍ଗୀ ବ୍ଲକର ବିଭିନ୍ନ ଜନହିତକର ପ୍ରକଳ୍ପ ପରିଦର୍ଶନ କରିଥିଲେ। ବ୍ଲକର ମଙ୍ଗଳାଯୋଡ଼ି ପଞ୍ଚାୟତର ମଙ୍ଗଳାଯୋଡ଼ି, ଭଜାଗଡ ରାଜସ୍ୱ ଗ୍ରାମରେ ବିଭାଗ ତରଫରୁ କାର୍ଯ୍ୟକାରୀ ହେଉଥିବା ଅଣୁ ଜଳ ବିଭାଜିକା ସଂଘ ଗୁଡ଼ିକର ବିଭିନ୍ନ ପ୍ରକଳ୍ପକୁ ଅଧିକାରୀମାନେ ପରିଦର୍ଶନ କରିଥିଲେ। ମୃତ୍ତିକା ସଂରକ୍ଷଣ ତଥା ଜଳ ବିଭାଜିକା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ପ୍ରଥମେ ମଙ୍ଗଳାଯୋଡ଼ି ଅଣୁ ଜଳ ବିଭାଜିକା ସଂଘର ବାଉଁଶ ନାଳ ବଡ ଶଙ୍ଖ ଆଡ଼ିବନ୍ଧ ପରିଦର୍ଶନ କରି ଚାଷୀ ମାନଙ୍କୁ ଉକ୍ତ ଆଡ଼ିବନ୍ଧ ର ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଭଜାଗଡ ନାଳ ଅଣୁ ଜଳ ବିଭାଜିକା ସଂଘର ଚନ୍ଦନ ପୋଖରୀ, ଜନ ଅମଳ ପ୍ରକଳ୍ପ ଓ ତାର ପାଖରେ ମା ପାଇଁ ଗଛଟିଏ ଅଭିଯାନରେ ଲଗାଯାଇଥିବା ଜଙ୍ଗଲ ଜାତ ବୃକ୍ଷ ଗୁଡ଼ିକୁ ବୁଲି ଦେଖିବା ସହିତ କଣ୍ଟେଇକୋଲି ନାଳ ନିକଟରେ ଚାଷୀ କରିଥିବା ପନିପରିବା ଚାଷ ସମ୍ପର୍କରେ ଜଳ ବିଭାଜିକା କିପରି ସହଯୋଗ କରୁଛି ସେ ସଂପର୍କରେ ବୁଝିଥିଲେ। ଖୋର୍ଦ୍ଧା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଚକ୍ରଧର ମିଶ୍ର, ବେଗୁନିଆ ଜଳ ବିଭାଜିକା ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ସ୍ମୃତି ନନ୍ଦ, ଟାଙ୍ଗୀ ଜଳ ବିଭାଜିକା ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଜି ମାନସୀ ମହାପାତ୍ର, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ମନୋଜ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

ବେଗୁନିଆ,୮।୧(ସମିସ): ବେଗୁନିଆ ବ୍ଲକ ଶଗଡ଼ଭଙ୍ଗା ପଞ୍ଚାୟତର ମା' ଡୋମଣି ମନ୍ଦିର ପରିସରରେ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଯୋଜନା ପକ୍ଷରୁ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଛି। ବ୍ଲକ ସହକାରୀ କୃଷି ଉଦ୍ୟାନ ଅଧିକାରୀ ଚିନ୍ମୟୀ କୁମାରୀ ସାହୁଙ୍କ ଅଧକ୍ଷତାରେ ଜିଲ୍ଲା ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀୟା ଶାଶ୍ୱତୀ କର ମୁଖ୍ୟଅତିଥି, ଓୟୁଏଟିର ଆଳୁ ଚାଷ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଅଶୋକ ମିଶ୍ର ମୁଖ୍ୟବକ୍ତା, ସରପଞ୍ଚ ଲିଳା ସ୍ୱାଇଁ, ସମିତିସଭ୍ୟ ଦୁର୍ଗା ଚରଣ ମଙ୍ଗରାଜ, ଓଡ଼ିଶା ସୌର ଚାଳିତ ଶୀତଳ ଭଣ୍ଡାର କମ୍ପାନୀର ମୁଖ୍ୟ ପରିଚାଳକ ସମ୍ବିତ ପଟ୍ଟନାୟକ ଓ ଟାଙ୍ଗୀ ବ୍ଲକ ସହାୟକ ଉଦ୍ୟାନ କୃଷି ଅଧିକାରୀ ରୋଜାଲିନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ ପ୍ରଦତ୍ତ ବିଭିନ୍ନ ଯୋଜନାର ଲୋକାଭିମୁଖି କାର୍ଯ୍ୟ ସହ ଆଳୁଚାଷ ସମ୍ପର୍କରେ ଅବଗତ କରିଥିଲେ। କାର୍ଯ୍ୟକ୍ରମକୁ ଉଦ୍ୟାନ ଅଧିଦର୍ଶକ ଉଲାସ ଦେଇ, ଉଦ୍ୟାନ ସମ୍ପ୍ରସାରଣ କର୍ମଚାରୀ ଆଶିଷ ଦଳବେହେରା ଓ ଗୀତାଞ୍ଜଳି ଦେଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ମୋବାଇଲ ଲୁଟେରା ଗିରଫ

ନିରାକାରପୁର,୮।୧ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ପାଣ୍ଡବପାଟଣା - ଷ୍ଟେସନ ରାସ୍ତାରୁ ଦୁଇ ଦିନ ତଳେ ଡିଆ ଗ୍ରାମ କୁସୁମ ଦେବୀ ନାମ୍ନୀ ମହିଳା ଘରକୁ ହୀରାଖଣ୍ଡ ଟ୍ରେନରୁ ଓହ୍ଲାଇ ଯାଇଥିବାବେଳେ ଦୁଇଜଣ ଯୁବକ ଏକ ବାଇକରେ ଆସି ତାଙ୍କ ମୋବାଇଲ ଫୋନଟି ଛଡ଼ାଇ ନେଇଥିଲେ। ପରେ ସ୍ଥାନୀୟ ଲୋକେ ଘେରି ଯିବାରୁ ଉଭୟ ଉକ୍ତ ବାଇକ କୁ କୋଲସାହି ଛକରେ ଛାଡ଼ି ପଳାଇଥିଲେ। ଭୁଷଣ୍ଡପୁର ଉରୁମୁଖୀ ସାହିର ଆଲୋକ ବେହେରାକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଆଉ ଜଣେ ଫେରାର ଅଛି।

## ବସ୍ ଧକ୍କାରେ ଜଣେ ମୃତ

ଟାଙ୍ଗୀ, ୮।୧(ସମିସ): ଆଜି ୧୬ ନମ୍ବର ଜାତୀୟ ରାଜପଥ ର ଟାଙ୍ଗୀ ଥାନା ଅଧିନସ୍ଥ ଉଗ୍ରତାରା ଛକ ନିକଟରେ ଜଣେ ବ୍ୟକ୍ତିଙ୍କୁ ଏକ ଯାତ୍ରୀବାହୀ ବସ ଧକ୍କା ଦେବା ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ଟାଙ୍ଗୀ ପୁଲିସ ସଂପୃକ୍ତ ଯାତ୍ରୀବାହୀ ବସ ଟିକୁ ଜବତ କରିଥିବା ବେଳେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିଚୟ ମିଳିନଥିବାରୁ ଶବକୁ ସଂରକ୍ଷିତ ରଖାଯାଇଥିବା ଟାଙ୍ଗୀ ଆଇଆଇସି ରବିନ୍ଦ୍ର କୁମାର ଭୂଜବଳ ସୂଚନା ପ୍ରଦାନ କରିଛନ୍ତି।

## ଗିନି କପ୍; ସେମିଫାଇନାଲ୍‌ରେ ଆଲଫା ବ୍ରହ୍ମପୁର

ଖୋର୍ଦ୍ଧା, ୮।୧ (ସମିସ): ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ସବ୍ୟସାଚୀ-ଦୀନେଶ ମେମୋରିଆଲ୍ ଗିନିକପ୍ କ୍ରିକେଟ ଟୁର୍ଣ୍ଣାମେଂଟର ଆଜିର ମ୍ୟାଚ୍‌ରେ ଆଲଫା ବ୍ରହ୍ମପୁର ଖୋର୍ଦ୍ଧାକୁ ୬ ୱିକେଟ ରେ ରେ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ବ୍ରହ୍ମପୁର ଦଳର ୱାଲଟାର ଟପ୍ପୋଙ୍କୁ ୨ ହଜାର ଟଙ୍କାର ପୁରସ୍କାର ପ୍ରାଣନାଥ ମହାବିଦ୍ୟାଳୟ ର ପ୍ରାକ୍ତନ କ୍ରୀଡା ଅଧ୍ୟାପକ ଚିତରଞ୍ଜନ ବେଉରା ଓ ରାଜୁ ମୋଦି ପ୍ରଦାନ କରିଥିଲେ। ରାକେଶ ମିଶ୍ର ଏବଂ ଏସ୍. କରୁଣାକର ପରିଚାଳନା କରିଥିବାବେଳେ ଜନ୍ମେଜୟ ଛୋଟରାୟ ଓ ରବିନାରାୟଣ ପରିଡା ସ୍କୋରର ଭାବେ କାର୍ଯ୍ୟ କରିଥିଲେ। ପ୍ରଥମ ସେମି ଫାଇନାଲର ମୁଖ୍ୟ ଅତିଥି ଭାବେ ଅମ୍ରିତା ବିଦ୍ୟାଳୟର ଅଧକ୍ଷା ମୌସୁମି ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ।

## ବିଦ୍ୟାଳୟର କ୍ରୀଡ଼ା ଉତ୍ସବ

ବେଗୁନିଆ,୮।୧(ସମିସ): ବେଗୁନିଆ ବ୍ଲକ ପୋଡ଼ାଡିହ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାରି ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ଉଦଯାପିତ ହୋଇଛି। ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ସଙ୍ଗୀତା ସିଂହଙ୍କ ତତ୍ତ୍ୱାବଧାନ ଓ ଶିକ୍ଷକ ସମୀର ଚିନାରାଙ୍କ ସଂଯୋଜନାରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ରାଣୀ ମହାପାତ୍ର କ୍ରୀଡା ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀ ୪୪ ଟି ବିଭାଗରେ ଅଂଶଗ୍ରହଣ କରି କ୍ରୀଡା କୌଶଳ ପ୍ରଦର୍ଶନ କରିଥିଲେ।

## ଉଚ୍ଚ ବିଦ୍ୟାଳୟର ପିଏମଶ୍ରୀ ଉତ୍ସବ

ବେଗୁନିଆ, ୮।୧ (ସମିସ): ବେଗୁନିଆ ସଦର ମହକୁମାସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ପିଏମଶ୍ରୀ ଉଦଯାପନୀ ଉତ୍ସବ ଉଦଯାପିତ ହୋଇଛି। ଏଥିରେ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧକ୍ଷତା ଓ ଶିକ୍ଷୟିତ୍ରୀ ସ୍ମୃତିସ୍ମିତା ବେହେରା ଓ ଶୁଭଲକ୍ଷ୍ମୀ ସାହୁଙ୍କ ଯୁଗ୍ମ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ପରିବେଶବିତ ଧନେଶ୍ୱର ବିଧାର ମୁଖ୍ୟବକ୍ତା, ଓଭରସିଜ ବ୍ୟାଙ୍କ୍ ପରିଚାଳକ ସତ୍ୟଜିତ ପରିଜା, ବିଦ୍ୟାଳୟ ପରିଚାଳନା ପରିଷଦର ଅଧକ୍ଷ ପୁଷ୍ପଲତା ଜୟସିଂହ, ପଞ୍ଚସଖା ଶିକ୍ଷା ସେତୁ ସଙ୍ଗଠନର ଅଧକ୍ଷ ମାୟାଧର ମାର୍ଥା, ଉପାଧକ୍ଷ ଭବାନୀ ଶଙ୍କର ଜୟସିଂହ ଓ ସାଧନ କେନ୍ଦ୍ର ସଂଯୋଜକ ସରୋଜ ବେହେରା ସମ୍ମାନିତ ଅତିଥି ରୂପେ ଯୋଗଦେଇ ଥିଲେ। ବିଚାରକ ଭାବେ ସନ୍ତୋଷ ପଣ୍ଡା ଓ ଶୁଭଶ୍ରୀ ସାହୁ ଯୋଗ ଦେଇ ପ୍ରତିଭା ଚୟନ କରିଥିବା ବେଳେ ଅତିଥିମାନେ ପୁରସ୍କୃତ କରିଥିଲେ।

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତି ସ୍ଥାପନ

ଟାଙ୍ଗୀ,୮।୧ (ସମିସ): ଟାଙ୍ଗୀ ବ୍ଲକ୍ ଅଧିନସ୍ଥ ସରକାରୀ ଉଚ୍ଚ ବିଦ୍ୟାଳୟ ବଡପାରୀରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଅତିଥିଭାବେ ବ୍ଲକ ଅଧକ୍ଷା ରିସ୍ମା ମାନ୍ଧାତା, ଉପାଧକ୍ଷ ଦୁର୍ଗା ପ୍ରସାଦ ନାଥଶର୍ମା, ବିଡିଓ ରୁମାନା ଜାଫ୍ରି, ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ ସାହୁ, ସରପଞ୍ଚ ପ୍ରଫୁଲ ଦାସ, ଜିଲା ପରିଷଦ ସଭ୍ୟ ବିଜୟ କୁମାର ଜେନା, ସମିତି ସଭ୍ୟା ରେଣୁବାଳା ପ୍ରଧାନ, ସାଂସଦ ପ୍ରତିନିଧି ଚିନ୍ମୟ ପୃଷ୍ଟି, ପରିଚାଳନା କମିଟି ସଭାପତି ଅନନ୍ତ ଚରଣ ପରିଡା, ପିଏସ୍‌ଏସ୍‌ଏସ ଅଧକ୍ଷ ଅଜୟ ଧଳ ପ୍ରମୁଖ ଯୋଗ ଦେଇ ଥିଲେ। ପ୍ରଧାନଶିକ୍ଷକ ପ୍ରଭାକର ଜୟସିଂହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

● ସର୍ବଭାରତୀୟ ଟାଙ୍ଗୀ କପ ଫୁଟବଲ

## ୟୁନାଇଟେଡ ସ୍ପୋର୍ଟସ ବରଗଡ ସେମିଫାଇନାଲରେ

ଟାଙ୍ଗୀ,୮।୧(ସମିସ): ଟାଙ୍ଗୀ ଚିଲିକା ଷ୍ଟାଡିୟମ ଠାରେ ଚାଲିଥିବା ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜି ଚତୁର୍ଥ ଦିବସ ମ୍ୟାଚ ୟୁନାଇଟେଡ ସ୍ପୋର୍ଟସ କ୍ଲବ ବରଗଡ ସହିତ ଏସ ଆର ଏମ କ୍ଲବ ଉମରକୋଟ ମଧରେ ଅନୁଷ୍ଠିତ ହୋଇଥିଲା। ୩-୦ ଗୋଲରେ ବରଗଡ ଦଳ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଥିଲା। ଅତିଥି ଭାବେ କେନ୍ଦ୍ରାପଡା ପୂର୍ବତନ ଜିଲାପାଳ ଦେବରାଜ ସେନାପତି, କୁହୁଡି ପୂର୍ବତନ ସରପଞ୍ଚ ଜୟଦେବ ବେହେରା,ଟାଙ୍ଗୋଳ ସରପଞ୍ଚ ବୀରେଶ ରାୟଗୁରୁ, ସୁନ୍ଦରପୁର ସରପଞ୍ଚ ସୁଜିତ ହାଲଦାର,ନୂଆଗଡ ସରପଞ୍ଚ ରଘୁନାଥ ମାଝୀ,ପାରିଓରଡ ସରପଞ୍ଚ ମମତା ପ୍ରଧାନ, କୁଞ୍ଜୁରୀ ସରପଞ୍ଚ ସୁଶାନ୍ତ ସାମନ୍ତରାୟ, ମଙ୍ଗଳାଯୋଡି ସରପଞ୍ଚ ମାନସ ରଞ୍ଜନ ସାମନ୍ତରାୟ, ରତନପୁର ସରପଞ୍ଚ ଗୁରୁବନ୍ଧୁ ବେହେରା, ସୁବାସ ପ୍ରଧାନ,ସଭାପତି କିଶୋର କୁମାର ବେହେରା,ସଂପାଦକ ନରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।

# ଆଇଏନ୍‌ଏସ୍ ଚିଲିକାରେ ୨୧୦୩ ଅଗ୍ନିବୀରଙ୍କ ପାସିଂଆଉଟ୍ ପରେଡ୍

ବାଲୁଗାଁ, ୮ ।୧(ସମିସ)



ଭାରତୀୟ ନୌସେନାର ଚିଲିକା ଶାଖା ତାଲିମ କେନ୍ଦ୍ରରେ ଦୀର୍ଘ ୧୬ ସପ୍ତାହ ଧରି କଠିନ ପରିଶ୍ରମ ସହ ପ୍ରାରମ୍ଭିକ ପ୍ରଶିକ୍ଷଣର ସଫଳ ସମାପ୍ତି ପରେ ଗୁରୁବାର ୦୨/୨୫ ବ୍ୟାଚ ଅଗ୍ନିବୀରଙ୍କ ପାସିଂ ଆଉଟ ପରେଡ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ନୌସେନାର ୧୯୯୦ ଜଣ ପୁରୁଷ ଓ ୧୧୩ ଜଣ ମହିଳା ଅଗ୍ନିବୀରଙ୍କ ସମେତ ୪୪ ଜଣ ସେଲର ଏବଂ ୨୯୫ ଜଣ ନାବିକ ଆଦି ସମୁଦାୟ ୨୧୦୩ ଅଗ୍ନିବୀର ପ୍ରଶିକ୍ଷଣରେ ଉତ୍ତୀର୍ଣ୍ଣ ଲାଭ କରି ଦେଶ ପ୍ରତିରକ୍ଷା କ୍ଷେତ୍ରରେ ନିୟୋଜିତ ହୋଇଛନ୍ତି। ଭାଇସ୍ ଆଡମିରାଲ୍ ଏଭି ଏସଏମ, ଏନଏମ ଫ୍ଲାଗ ଅଫିସର୍ କମାଣ୍ଡିଂ ଦକ୍ଷିଣ ନୌସେନା କମାଣ୍ଡର ମୁଖ୍ୟ ସମୀର ସକ୍ସେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପରେଡ ନିରୀକ୍ଷଣ କରିବା ସହ ଅଗ୍ନିବୀରଙ୍କ ଠାରୁ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାଇସ୍ ଆଡମିରାଲ୍ ସକ୍ସେନା ଅଗ୍ନିବୀରଙ୍କୁ ସେମାନଙ୍କ କଠିନ ପ୍ରଶିକ୍ଷଣ ର କର୍ତ୍ତବ୍ୟବୋଧତା କୁ ଉତ୍ସାହିତ କରିବା ସହ ଜଣେ ଲେଖାଏଁ ବଳିଷ୍ଠ ସାମୁଦ୍ରିକ ଯୋଦ୍ଧା ଭାବେ ଦେଶ ସୁରକ୍ଷା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହ ନୌସେନାର ମୂଳ ଲକ୍ଷ୍ୟ ତଥା କର୍ତ୍ତବ୍ୟ, ସମ୍ମାନ ଓ ସାହାସିକତାକୁ ପ୍ରାଧାନ୍ୟ ଦେବା ପାଇଁ ପରାମର୍ଶ ଦେଇଥିଲେ। ଉକ୍ତ ସମାରୋହରେ ବହୁ ନୌସେନା ଅଧିକାରୀ ଓ ବିଶିଷ୍ଟ କ୍ରୀଡା ବ୍ୟକ୍ତିତ୍ୱଙ୍କ ସମେତ ଉଚ୍ଚ କୋଟୀର ଭେଟେରାନ ମାନେ ସାମିଲ ହୋଇଥିଲେ। ଏହି ଭବ୍ୟ ସମାରୋହରେ ଦେଶ ସେବା ପାଇଁ ଯାତ୍ରା ଆରମ୍ଭ କରିଥିବା ଅଗ୍ନିବୀରଙ୍କ ପିତାମାତାଙ୍କୁ ମଧ ଅତିଥି କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ବିବେଚିତ ଅଗ୍ନିବୀରଙ୍କୁ ପଦକ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ବିବେଚିତ ଅଗ୍ନିବୀର ଭାବେ ରୋଲିଂ ଟ୍ରଫି ସହ ସ୍ୱର୍ଣ୍ଣ ପଦକ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇ ଥିବା ବେଳେ ଶ୍ରେଷ୍ଠ ମହିଳା ଅଗ୍ନିବୀରଙ୍କୁ ସ୍ୱର୍ଗତ ଜେନେରାଲ ବିପିନ ରାୱତ ରୋଲିଂ ଟ୍ରଫି ସହ ସମ୍ମାନିତ କରାଯାଇଥିଲା। ନିଜ ନିଜ ପାଠ୍ୟକ୍ରମରେ ଶ୍ରେଷ୍ଠ ପ୍ରଶିକ୍ଷକଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଶିକ୍ଷଣ ବେଳେ ସାମଗ୍ରୀକ ଭାବେ ଶ୍ରେଷ୍ଠ ଡିଭିଜନକୁ ଚମ୍ପିୟାନସିପ ଟ୍ରଫି ଏବଂ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଡିଭିଜନକୁ ରନର୍ସ ଅପ ଭାବେ ପୁରସ୍କୃତ କରା ଯାଇଥିଲା। ଆଇଏନଏସ ଚିଲିକାର ଦ୍ୱିଭାଷୀ ପତ୍ରିକା' ଅଙ୍କୁର ସଂସ୍କରଣକୁ ମୁଖ୍ୟଅତିଥି ଉନ୍ମୋଚନ କରି ଥିଲେ। ଆଇଏନଏସ ଚିଲିକାର ମୁଖ୍ୟ କମୋଡ଼ର ବି. ଦୀପକ ଅନିଲଙ୍କ ପରିଚାଳନା ଓ ତତ୍ୱାବଧାନରେ ନୌସେନା ତାଲିମ କେନ୍ଦ୍ର ଚିଲିକାର ଅଫିସରମାନେ ଉପସ୍ଥିତ ରହି ଅନୁଷ୍ଠିତ ପାସିଙ୍ଗ ଆଉଟ ପରେଡ ସମାରୋହକୁ ସୁପରିଚାଳନା କରିବାରେ ସହାୟତା କରିଥିଲେ।

